## ସଂକ୍ଷେପରେ

### ପିକ୍ଅପ୍ ଗାଡ଼ି ଓଲଟି ଗୋରୁ ମୃତ: ପ୍ରତିବାଦରେ ରାସ୍ତାରୋକୋ

**ଆଳି,୧୫।୨(ଡି.ଏନ୍.ଏ.):** କଟକ-ଚାନ୍ଦବାଲି ରାସ୍ତାରେ ରାଜକନିକା ଆଡ଼କୁ ଯାଉଥିବା ଏକ ମିନିଟ୍ରକ ଆଳିର ନାଗପଡା ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ସେଥିରେ ଥିବା ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଗାଡିଟି ଭାଙ୍ଗି ରୁଜି ରାସ୍ତା ତଳକୁ ଖସିପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଗୋ ଚାଲାଣ ବୃଦ୍ଧି ପାଉଥିବାବେଳେ ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ସ୍ଥାନୀୟ ଲୋକେ କଟକ ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଆଳି ଥାନା ଏଏସ୍ଆଇ ପ୍ରଦୋଷ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ବୁଥ୍ ଜବରଦଖଲ, ଗଣ୍ଡଗୋଳ ଆଶଙ୍କା

**ସରପଞ୍ଚ ପ୍ରାର୍ଥିନୀଙ୍କ ଖବରଦାତା ସମ୍ମିଳନୀ**

**ଆଳି,୧୫।୨(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଦେମାଳ ପଞ୍ଚାୟତରେ ବୁଥ୍ ଜବରଦଖଲ ଓ ଗଣ୍ଡଗୋଳ ଆଶଙ୍କାରେ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥିନୀ ମଙ୍ଗଳବାର ପୂର୍ବାହ୍ନରେ ଖବରଦାତା ସମ୍ମିଳନୀ କରିଛନ୍ତି। ଦେମାଳ ପଞ୍ଚାୟତର ସରପଞ୍ଚ ପଦରେ ନିର୍ବାଚନ ଲଢୁଥିବା ଗିରିବନ୍ଧ ଗାଁର କନକଲତା ରାଉତ ଓ ତାଙ୍କ ସ୍ୱାମୀ ଅଜାମ୍ବର ରାଉତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି, ନିର୍ବାଚନରେ ତାଙ୍କର ବିଜୟ ସୁନିଶ୍ଚିତ ଜାଣିବା ପରେ ତାଙ୍କର ବିପକ୍ଷରେ ଲଢୁଥିବା ପ୍ରାର୍ଥୀଙ୍କ ସମର୍ଥକମାନେ ସୋମବାର ରାତିରେ ଲୋକାପଡ଼ ଖିରାଖାଇ ଗଳିରେ ଥିବା ପ୍ରାଥମିକ ବିଦ୍ୟାଳୟର ପଛପଟ ପାଚେରିକୁ ଭାଙ୍ଗି ଦେଇଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ପଛପଟ ଦେଇ ବୁଥ୍ ଭିତରକୁ ପଶି ଜବରଦଖଲ କରିପାରିବେ। ଏହା ସେମାନେ ଆଶଙ୍କା କରୁଛନ୍ତି। ପ୍ରାର୍ଥିନୀ ବେହେରାଙ୍କ ସ୍ୱାମୀ ଅଜାମ୍ବର ଆହୁରି ମଧ କହିଛନ୍ତି ଯେ, ଗତ ସୋମବାର ରାତିରେ ସେ ଓ ତାଙ୍କ ସମର୍ଥକମାନେ ଲୋକାପଡାରେ ଜଣେ ବ୍ୟକ୍ତିଙ୍କ ଘରେ ବସି ଆଲୋଚନା କରୁଥିବା ବେଳେ ବିପକ୍ଷରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କର ସମର୍ଥକମାନେ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ବିଭିନ୍ନ ମାରଣାସ୍ତ୍ର ଧରି ତାଙ୍କୁ ଧମକ ଦେଇଥିଲେ। ସେମାନେ କିନ୍ତୁ କିଛି ପାଟିତୁଣ୍ଡ ନ କରି ସେ ସ୍ଥାନ ଛାଡି ପଳାଇ ଆସିଥିଲେ। ବିପକ୍ଷ ଦଳ ଔଷଧ ବିକଳରେ ତାଟିଆ କାମୁଡ଼ିଲା ପରି କାର୍ଯ୍ୟ କରୁଛନ୍ତି। ଅଜାମ୍ବର କହିଛନ୍ତି, ମୋର ଓ ମୋ ସ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଅଛି। ତେଣୁ ପ୍ରଶାସନ ପୋଲିସ ପ୍ରୋଟେକ୍ଶନ ଯୋଗାଇ ଦେବା ସହ ଲୋକାପଡା ପ୍ରାଥମିକ ବିଦ୍ୟାଳୟ ବୁଥ୍ରେ ଅଧିକ ପୋଲିସ ମୁତୟନ ଓ ଅନ୍ୟ ବୁଥ୍ଗୁଡିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# ବିଜୟଚାନ୍ଦପୁର ଭୋଟର: ପଞ୍ଚାୟତ ନା ପୌରାଞ୍ଚଳର

**ପାରାଦୀପ, ୧୫।୨(ସ୍ୱ.ପ୍ର.)**

- ପାରାଦୀପ ପୌରାଞ୍ଚଳରେ ଜନସଂଖ୍ୟା, ରାଶନ କାର୍ଡ
- ନୂଆଗଡ ପଞ୍ଚାୟତରେ ଭୋଟର ତାଲିକା
- ପୌରାଞ୍ଚଳ ସମ୍ପ୍ରସାରଣ ପ୍ରସଙ୍ଗ ୭ ବର୍ଷ ହେଲା ନାଲିଫିତା ତଳେ

ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ପାରାଦୀପ ବିଜୟଚାନ୍ଦପୁର ଭୋଟର ପଞ୍ଚାୟତ ନା ପୌରାଞ୍ଚଳର ତାହାକୁ ନେଇ ଦୀର୍ଘ ୨୦ ବର୍ଷ ହେଲା ସଂଶୟ ସୃଷ୍ଟି ହୋଇଛି। ପାରାଦୀପ ପୌରାଞ୍ଚଳ ଜନସଂଖ୍ୟାରେ ସାମିଲ ହୋଇ ରାଶନ କାର୍ଡ ସୁବିଧା ହାତଉଛନ୍ତି। ହେଲେ ପଞ୍ଚାୟତ ନିର୍ବାଚନ ବେଳେ ନୂଆଗଡ଼ ପଞ୍ଚାୟତର ୧୪ନଂ. ୱାର୍ଡରେ ଭୋଟର ତାଲିକା ଥିବାରୁ ସେଠାରେ ମତଦାନ ସାବ୍ୟସ୍ତ କରୁଛନ୍ତି। ନିର୍ବାଚନ ସମୟରେ ଏମିତି ଏକ ରୋଚକ ଘଟଣା ଜଗତ୍ସିଂହପୁର ଜିଲା ପାରାଦୀପଠାରେ ଦେଖିବାକୁ ମିଳିଛି। ଆସନ୍ତା ଏପ୍ରିଲରେ ପାରାଦୀପ ପୌର ନିର୍ବାଚନ ହେବ ବୋଲି ସରକାରୀ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏ ପରିପ୍ରେକ୍ଷୀରେ ପାରାଦୀପ ପୌରାଞ୍ଚଳର ୨ନଂ.ୱାର୍ଡ ସଂଲଗ୍ନ ଅଠରବାଙ୍କୀ ବିଜୟଚାନ୍ଦପୁର ବସ୍ତିରେ ଥିବା ୩୧୦ ଘର ଓ ୬୦୦ରୁ ଅଧିକ ଭୋଟର ନିଜ ଅଧିକାର ସାବ୍ୟସ୍ତ କରିବାକୁ ପଞ୍ଚାୟତ-ପାରାଦୀପ ପୌର ପରିଷଦ ଅଫିସ୍କୁ ଧାଁଦୌଡ଼ କରୁଛନ୍ତି। ଏବେ ସେହି ୬୦୦ ଭୋଟର ପଞ୍ଚାୟତ ନିର୍ବାଚନ ପାଇଁ ୧୦ କିମି ଦୂର ନୂଆଗଡ଼ ପଞ୍ଚାୟତ ହାଣ୍ଡିଆ ଗ୍ରାମକୁ ଯିବେ। ଆଉ ୮୫ ଭୋଟର ଆସନ୍ତା ଏପ୍ରିଲରେ ହେବାକୁ ଥିବା ପୌର ନିର୍ବାଚନ ବେଳେ ଅଠରବାଙ୍କୀଠାରେ ମତଦାନ କରିବେ।

ଉକ୍ତ ବସ୍ତି ସମ୍ପର୍କରେ ଖୋଳତାଡ଼ କରିବାରେ କୌତୂହଳ ତଥ୍ୟ ସାମ୍ନାକୁ ଆସିଛି। ବସ୍ତିର ସମସ୍ତ ଲୋକଙ୍କ ଜନଗଣନା ପାରାଦୀପ ପୌର ପରିଷଦ ପକ୍ଷରୁ ୨୦୧୦ରେ କରାଯାଇଥିଲା। ଅଠରବାଙ୍କୀ, ଲକ୍ପଡା, ବିଜୟଚାନ୍ଦପୁରକୁ ନେଇ ଗଠିତ ପୌରାଞ୍ଚଳ ୨ ନଂ. ୱାର୍ଡ ଜନସଂଖ୍ୟା ହେଲା ୩୭୧୨। ଏଥିରେ ମହିଳା ୧୬୪୧ ଓ ପୁରୁଷ ୨୦୭୧। ବସ୍ତିର ରାଶନ କାର୍ଡ ଉପଭୋକ୍ତା ସଂଖ୍ୟା ୩୧୦, ଯାହା ପୌର ପରିଷଦ ଅଧୀନରେ ଅଛି। ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ମଧ୍ୟରେ ୪ ଜଣ ପୌରାଞ୍ଚଳରେ ଥିବା ବେଳେ ୫୦ରୁ ଅଧିକ ପଞ୍ଚାୟତ ଅଧୀନରେ ରହିଛନ୍ତି। ନୂଆଗଡ଼ ପଞ୍ଚାୟତର ୧୪ନଂ. ୱାର୍ଡ ଓ ପୌରାଞ୍ଚଳର ୨ନଂ. ୱାର୍ଡ ବିଜୟଚାନ୍ଦପୁର ବୋଲି ଦ୍ୱୈତ୍ୟ କାର୍ଯ୍ୟାଳୟରେ ଦର୍ଶାଯାଉଛି।



ପାରାଦୀପଠାରେ ଥିବା ବିଜୟଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ।

ଏପରି ଶୀଥିଳତା ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରେ ରହିଛି କମ୍ପାନୀର ଟିକସ ଘଟଣା। ଦୁଇଟି ବୃହତ୍ ଶିଳ୍ପ ପଞ୍ଚାୟତ ଅଧୀନରେ ସେମାନଙ୍କ ଟ୍ୟାକ୍ସ ପଞ୍ଚାୟତ ମାନୁଆଲ ଜରିଆରେ ହେବ, ଯାହା ବହୁତ କମ୍। ପୌରାଞ୍ଚଳରେ ମିଶିଲେ ହୋଲ୍ଡିଂ ଟ୍ୟାକ୍ସ ଲାଗୁହେବ। ଉଦାହରଣ ଦେଇ ଜଣୈକ ସରକାରୀ କର୍ମଚାରୀ କୁହନ୍ତି, ଏବେ ପଞ୍ଚାୟତ ଟ୍ୟାକ୍ସ ବାବଦରେ କମ୍ପାନୀ ବର୍ଷକୁ ୨ରୁ ୩ ହଜାର ଟଙ୍କା ଦେଉଛି। ପୌର ନିୟମ ଲାଗିଲେ ତାହା ବାର୍ଷିକ କୋଟିଏରୁ ଅଧିକ ଟଙ୍କା ଦେବାକୁ ପଡ଼ିବ। ସେଥିପାଇଁ ସେମାନେ ପଞ୍ଚାୟତର କେତେଜଣ ପ୍ରଭାବଶାଳୀ ଲୋକଙ୍କୁ ଠିକାଦାରି ଜରିଆରେ ନେତୃତ୍ୱ ଦେଇଛନ୍ତି। ସେହି ବ୍ୟକ୍ତିମାନେ ପ୍ରତି ନିର୍ବାଚନ ସମୟରେ ଅର୍ଥବଳ ସବୁ ପ୍ରୟୋଗ କରିଥାନ୍ତି, ଯେଉଁଥିପାଇଁ ପୌର ସମ୍ପ୍ରସାରଣ ପ୍ରସଙ୍ଗ ଅନାଲୋଚିତ ରହିଛି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିବାରେ ୨୦୧୬ରୁ ୨୦୧୯ ଭିତରେ ୩ଥର ସର୍ଭେ ଓ ସବିଶେଷ କାଗଜପତ୍ର ଉପରିସ୍ଥ ଅଧିକାରୀଙ୍କ ପାଖକୁ ଯାଇସାରିଛି। ଯାହା କିଛି ଘୋଷଣା ହେବ ସରକାରୀ ସ୍ତରରେ ବୋଲି ସେ କହିଛନ୍ତି। ସେହିପରି ପଞ୍ଚାୟତ ନିର୍ବାହୀ ଅଧିକାରୀ କୁଜଙ୍ଗ ବ୍ଲକ ଅର୍ଜୁନ ରାଉଳଙ୍କୁ ପଚାରିବାରେ ଆମ ପାଖରେ କିଛି ତଥ୍ୟ ନାହିଁ। ସମ୍ପ୍ରସାରଣ ଏବେ ହେବାର ନାହିଁ। ସମସ୍ତ ତଥ୍ୟ ନିର୍ବାଚନ ଅଧିକାରୀଙ୍କ ପାଖକୁ ଯାଇ ସାରିଛି ବୋଲି ସେ କହିଛନ୍ତି।

### ବିଜୟଚାନ୍ଦପୁର ବସ୍ତିର ଇତିହାସ

ପାରାଦୀପ ବନ୍ଦର ୧୯୯୭/୯୮ରେ ସମ୍ପ୍ରସାରଣ ହୋଇଥିଲା। ସେତେବେଳେ ପୌରାଞ୍ଚଳରେ ଥିବା ଘନଗଳିଆ ଓ ଇନ୍ଦିରା ପାର୍କ ବସ୍ତିକୁ ଉଚ୍ଛେଦ କରାଯାଇ ବାଲିଝରା ଓ ଭିତରଗଡ଼ରେ ଥଇଥାନ କରାଯାଇଥିଲା। ସେତେବେଳେ କେତେକ ବଙ୍ଗୀୟ ଲୋକ ଥଇଥାନ ପ୍ଲଟ୍କୁ ବିକ୍ରି କରି ଇଫ୍କୋ କାରଖାନା ଜିପ୍ସମ ଭଣ୍ଡାର ପାଖ କାଉଡିଆ ନଦୀ ପାଖରେ ଜବରଦଖଲ କରି ରହିଥିଲେ। ୨୦୦୦ ମସିହାରୁ ଏହି ଘର ସଂଖ୍ୟା ବଢ଼ିବାରେ ଲାଗିଛି। ଉକ୍ତ ଲୋକଙ୍କୁ ପରବର୍ତ୍ତୀ ସମୟରେ ନୂଆଗଡ଼ ପଞ୍ଚାୟତର ୧୪ନଂ. ୱାର୍ଡରେ ସାମିଲ କରାଗଲା। ସେହି ସ୍ଥାନର ରାଜସ୍ୱ ମୌଜା ନାମ ବିଜୟଚନ୍ଦ୍ରପୁର ଅଛି। କିନ୍ତୁ ବସ୍ତିର ନାମ ବିଜୟଚାନ୍ଦପୁର କରାଯାଇଛି। ପରବର୍ତ୍ତୀ ସମୟରେ ସେଠାରେ ପଞ୍ଚାୟତ ପକ୍ଷରୁ ଏକ ସରକାରୀ ବିଦ୍ୟାଳୟ ୨୦୦୮ରେ କରାଯାଇଛି। ବିଜୟଚାନ୍ଦପୁରଠାରେ ୬୦୦ରୁ ଅଧିକ ଭୋଟର ପଞ୍ଚାୟତ ଅଧୀନରେ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସେଠାରେ ବୁଥ କରାଯାଇନାହିଁ। ସେମାନେ ୧୦ କିମି ଦୂର ହାଣ୍ଡିଆ ଗ୍ରାମକୁ ଭୋଟ ଦେବାକୁ ଯାଉଛନ୍ତି ବୋଲି କୁହନ୍ତି, ଜଗନ୍ନାଥ ହାଲଦାର। ଏପରି ଦ୍ୱୈତ୍ୟ ବ୍ୟବସ୍ଥା ଉପରେ ଏକାଧିକ ବାର ବିବାଦ ଯୋଗୁ ୨୦୧୬ରେ ତତ୍କାଳୀନ ଜିଲା ପ୍ରଶାସନ ପକ୍ଷରୁ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଜୟଚାନ୍ଦପୁର ସମେତ ଇଫ୍କୋ କାରଖାନା, ଏସାର ଷ୍ଟିଲ(ଏବେ ଏଏମ୍ଏନ୍ଏସ୍ ବା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ), ପିପିଏଲ ଛକରେ ଥିବା ଉଦୟବିହାର କଲୋନୀ, ମୂଷାଡିଆ ବସ୍ତି ଆଦି ପାରାଦୀପ ପୌରାଞ୍ଚଳରେ ମିଶିବ ବୋଲି ସମସ୍ତ କାମ ଆରମ୍ଭ ହୋଇଥିଲା, ଯାହା ଏ ପର୍ଯ୍ୟନ୍ତ ସରକାରୀ ଫାଇଲରେ ସୀମିତ ରହିଛି।

## ସଂସିଦ୍ଧା ପଞ୍ଚାୟତ ସବୁଠୁ ଅଧିକ ଉତ୍ତେଜନାପ୍ରବଣ



ଆଳି ହାଇସ୍କୁଲ ପଡିଆରେ ପୋଲିଂ ପାର୍ଟି ବୁଥ୍କୁ ଯିବା ଲାଗି ଉପକରଣ ପ୍ରସ୍ତୁତ କରୁଛନ୍ତି।

**ଆଳି,୧୫।୨(ଡି.ଏନ.ଏ.)**

**ଆଜି ନିର୍ବାଚନ**

କେନ୍ଦ୍ରାପଡ଼ା ଜିଲା ଆଳି ଓ ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ଆଳି ବ୍ଲକର ୪ଟି ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ୩୪ଟି ପଞ୍ଚାୟତରେ ନିର୍ବାଚନ ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ମତଦାନ ନିମନ୍ତେ ବ୍ଲକର ୪୯୦ ବୁଥ୍ ମଧ୍ୟରୁ ୧୯୪ ଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ସବୁଠାରୁ ଅଧିକ ଉତ୍ତେଜନା ପ୍ରବଣ ବୁଥ୍ରେ ରହିଛି ସଂସିଦ୍ଧା ଗ୍ରାମପଞ୍ଚାୟତ। ଏଠାରେ ୧୨ ବୁଥ୍ରୁ ୧୧ ଉତ୍ତେଜନା ପ୍ରବଣ ରହିଛି। ସେହିପରି ପଦନିପାଳର ୧୪ ବୁଥ୍ ମଧ୍ୟରୁ ୯ ଉତ୍ତେଜନା ପ୍ରବଣ ବୋଲି ଜଣାପଡିଛି।

ଚଳିତ ନିର୍ବାଚନରେ ଆଳି ବ୍ଲକର ମୋଟ ୧,୩୭,୮୩୫ ହଜାର ଭୋଟର ନିଜର ମତଦାନ ସାବ୍ୟସ୍ତ କରିବାକୁ ଥିବା ବେଳେ ସେମାନଙ୍କ ମଧ୍ୟରେ ୭୨, ୪୩୮ ଜଣ ପୁରୁଷ ଭୋଟର ଓ ୬୫, ୩୯୭ ଜଣ ମହିଳା ଭୋଟର । ମଙ୍ଗଳବାର ସକାଳୁ ଆଳି ହାଇସ୍କୁଲ ପଡ଼ିଆରୁ ପୋଲିଂ ପାର୍ଟି ସେମାନଙ୍କର ସମସ୍ତ ସରଞ୍ଜାମ ନେଇ ବୁଥ୍ଗୁଡ଼ିକୁ ଯାଇଛନ୍ତି। ୩୪ ପଞ୍ଚାୟତ ନିମନ୍ତେ ୩୪ଜଣ ସେକ୍ଟର ଅଫିସର ନିଯୁକ୍ତି ପାଇଥିବାବେଳେ ୪ଟି ଜୋନ୍ ପାଇଁ ୪ ଜଣ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ୧,୪୭୦ ଜଣ ପୋଲିଂ ପାର୍ଟି ନିଯୁକ୍ତି ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରିଜାଇଡିଂ ଅଫିସର ଭାବେ ୪୯୦, ପ୍ରଥମ ପୋଲିଂ ଅଫିସର ଭାବେ ୪୯୦, ଦ୍ୱିତୀୟ ପୋଲିଂ ଅଫିସର ଭାବେ ୪୯୦ ଓ ୧୪୭ ଜଣଙ୍କୁ ଜରୁରିକାଳୀନ ଅବସ୍ଥା ପାଇଁ ସଂରକ୍ଷିତ ଅଫିସର ଭାବେ ରଖାଯାଇଛି। ୪୯୦ ବୁଥ୍ ମଧ୍ୟରେ ବ୍ଲକର ଏକମାଣିଆ ପଞ୍ଚାୟତର ୧୧ ବୁଥ୍, ପଦନିପାଳ ପଞ୍ଚାୟତର ୧୪ ବୁଥ୍ ଓ ଭୂଇଁପୁର ପଞ୍ଚାୟତର ୧ଟି ବୁଥ୍ ନଦୀ ଘେରରେ ରହିଥିବା ସୂଚନା ମିଳିଛି। ବୁଥ୍ ନିକଟରେ ମତଦାନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ନିମନ୍ତେ ୧୪ ମୋବାଇଲ ଭ୍ୟାନ୍ ନିଯୁକ୍ତ କରାଯାଇଛି।

## ମଣ୍ଡିକୁ ମିଲର ଆସୁନାହାନ୍ତି: ଚାଷୀ ହତାଶ

**ରଘୁନାଥପୁର,୧୫।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକରେ ଖୋଲାଯାଇଥିବା ଧାନ ମଣ୍ଡିରେ ମିଲର ଆସୁ ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ମଣ୍ଡିକୁ ଧାନ ଆଣି ମିଲର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଏହାର ଉଦାହରଣ ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ କୃଷିସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନ ମଣ୍ଡିରେ ଦେଖିବାକୁ ମିଳିଛି। ମଣ୍ଡିରେ ଧାନ ବିକ୍ରି କରିବାକୁ ଶତାଧିକ କୁଇଣ୍ଟାଲ ଧାନ ସୋମବାର ଠାରୁ ଦେଉଳିସାହି ହାଟରେ ପଡି ରହିଛି। ଜାନୁୟାରୀ ୧୦ ଓ ୧୧ ତାରିଖରେ ଚାଷୀଙ୍କୁ ଧାନ କିଣିବାକୁ ଟୋକନ ଦିଆଯାଇଥିଲା। ମଙ୍ଗଳବାର ଧାନ କ୍ରୟ କରିବାକୁ ସ୍ଥିର ହୋଇଥିଲା। ଟୋକନ ପାଇଥିବା ଚାଷୀମାନେ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣିଥିଲେ। ମାତ୍ର ମିଲରଙ୍କ ଦେଖାନାହିଁ ବୋଲି ମନୋଜ କୁମାର ମହାନ୍ତି ଓ ହୃଦୟରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ଏହାଛଡ଼ା ଗୁଣବତ୍ତା ଥିବା ଧାନରେ ବସ୍ତା ପିଛା ୨ କିଲୋ କାଟ କରାଯାଉଛି। ତେବେ ସାମାନ୍ୟ ନିମ୍ନ ଗୁଣବତ୍ତା ଥିବା ଧାନରୁ ମନଇଚ୍ଛା କଟାଯାଉଛି ବୋଲି ସେମାନେ କହିଛନ୍ତି। ପ୍ରତିବାଦ କଲେ ଅନେକ ଚାଷୀଙ୍କୁ ଧାନ ଖରାପ ଥିବା ଦର୍ଶାଇ ଫେରାଇ ଦିଆଯାଉଛି ବୋଲି ପୀତାମ୍ବର ପାତ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଥିରେ ମିଲର ସହ ଦାୟିତ୍ୱରେ ଥିବା ସମିତି କର୍ମଚାରୀଙ୍କ ହାତ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ହାଟ ପଡ଼ିଆରେ ଧାନବସ୍ତା ଗଦା ହୋଇଥିବାରୁ ବୁଧବାର ସାପ୍ତାହିକ ହାଟରେ ସମସ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲାପାଳ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସମିତି ସମ୍ପାଦକ ବିଜୟ ସାହୁ କୁହନ୍ତି, ନିମ୍ନ ଗୁଣବତ୍ତା ଥିବା ଧାନ କ୍ରୟ କରାଯାଉନାହିଁ କି କାଟ କରାଯାଉ ନାହିଁ। ଟ୍ରକ୍ ନ ମିଳିବାରୁ ଧାନ କ୍ରୟ ହୋଇପାରି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।



ଦେଉଳିସାହି ହାଟରେ ରଖାଯାଇଥିବା ଧାନ ବସ୍ତା।

## ସମିତିସଭ୍ୟା ପ୍ରାର୍ଥିନୀଙ୍କ ନାଁରେ ଥାନାରେ ଅଭିଯୋଗ

**ରାଜନଗର, ୧୫।୨(ଡି.ଏନ.ଏ.)**

ରାଜନଗର ଗାଁର ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍ଜି)ର ସଭାନେତ୍ରୀ ଓ ସଦସ୍ୟାମାନେ ରାଜନଗର ଥାନାରେ ସେହି ଗୋଷ୍ଠୀର ସମ୍ପାଦିକାଙ୍କ ନାଁରେ ଅଭିଯୋଗ କରିଛନ୍ତି। ଏସ୍ଏଚ୍ଜିର ସମ୍ପାଦିକା ସସ୍ମିତା ସେଠୀ ରାଜନଗର ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ବେଳେ ଏହି ଅଭିଯୋଗ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ଥାନାରେ ଏସ୍ଏଚ୍ଜିର ସଭାନେତ୍ରୀ ରଶିତା ସେଠୀ, ଅଳକା ସେଠୀ, ସୁଜାତା ଦାସ, ଇତିଶ୍ରୀ ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ପହଞ୍ଚି ସମ୍ପାଦିକା ତାଙ୍କ ଗୋଷ୍ଠୀର ଟଙ୍କା ଦେଉ ନ ଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ମହାସଂଘ ଉପସ୍ଥିତିରେ ବୈଠକ ବସିଥିଲା। ଅକ୍ଟୋବରରେ ଟଙ୍କା ଦେବା ପାଇଁ କହିଥିଲେ। ପରବର୍ତ୍ତୀ ଅବସ୍ଥାରେ ପୁଣି ସମୟ ଗଡ଼ାଇ ଫେବୃୟାରୀ ୧୫ରେ ସମସ୍ତ ଟଙ୍କା ଦେଇ ଘଟଣାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଟଙ୍କା ମାଗିବାରୁ ଆମକୁ ଖରାପ ଭାଷାରେ ଗାଳି କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସସ୍ମିତାଙ୍କ ସ୍ୱାମୀ ତଥା ରାଜନଗର ପଞ୍ଚାୟତର ସମିତିସଭ୍ୟ ସତ୍ୟବାନ ସେଠୀଙ୍କୁ ପଚାରିବାରୁ କେତେଜଣ ସଦସ୍ୟ ଦୀର୍ଘମାସର ଟଙ୍କା ବାକି ରଖିଛନ୍ତି। ମାତ୍ର ଟଙ୍କା ଦେଇଥିବା ନେଇ କହୁଛନ୍ତି। ସଦସ୍ୟାଙ୍କ ଉପରେ ବାକିଥିବାରୁ ବ୍ୟାଙ୍କରେ ଡିପୋଜିଟ୍ ହୋଇପାରିନାହିଁ। ଏ ନେଇ ଦୀର୍ଘ ୪ ମାସ ହେଲା ଆମେ ଏମ୍ବିକେ, ମିଶନ ଶକ୍ତି ଅଧିକାରୀଙ୍କୁ ଭେଟି ସମାଧାନ କରିବାକୁ ବାରମ୍ବାର କହିଛୁ। ମାତ୍ର ଆକ୍ରୋଶମୂଳକ ଭାବେ ଅଭିଯୋଗ କରାଯାଉଛି।

## ବସ୍ ଧକ୍କାରେ ଜଣେ ମୃତ

**ଚଣ୍ଡିଖୋଲ,୧୫।୨(ଡି.ଏନ୍.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ନାନପୁରଠାରେ ସୋମବାର ରାତିରେ ଏକ ବସ୍ ଧକ୍କାରେ ବାଲିଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳ ଝରକୂଳ ଗ୍ରାମର ଇଦିରିସ ଖାଁ (୫୬)ଙ୍କ ମୃତ୍ୟୁ ଘଟିଛି । ଇଦିରିସ୍ ବାଲିଚନ୍ଦ୍ରପୁରଠାରେ ଏକ ଗ୍ୟାରେଜ କରି ପରିବାର ପ୍ରତି ପୋଷଣ କରୁଥିଲେ । ସେ ସୋମବାର ରାତିରେ ଗ୍ୟାରେଜ ବନ୍ଦ କରି ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା । ହେଲେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

## ବାଲିକୁଦାରେ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ

**ଜଗତ୍ସିଂହପୁର ଅଫିସ, ୧୫।୨**

୫ଟି ପର୍ଯ୍ୟାୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବୁଧବାରଠାରୁ ଆରମ୍ଭ ହେଉଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ୩୦ଟି ପଞ୍ଚାୟତରେ ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ବ୍ଲକ ଅଞ୍ଚଳରେ ୪ଟି ଜିଲା ପରିଷଦ ଜୋନ ଏବଂ ୫୫୭ଟି ୱାର୍ଡ ରହିଛି। ଏହି ଅବସରରେ ବ୍ଲକର ୧,୪୨,୧୧୩ ଜଣ ଭୋଟର ଉପରୋକ୍ତ ୱାର୍ଡରେ ହୋଇଥିବା ବୁଥ୍ରେ ମତଦାନ ସାବ୍ୟସ୍ତ କରିବେ।

ଏନେଇ ମଙ୍ଗଳବାର ସକାଳୁ ପୋଲିଂ କର୍ମଚାରୀମାନେ ବାଲିକୁଦା ବ୍ଲକ ଅନ୍ତର୍ଗତ ଆମ୍ବଶାଳସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରୁ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବୁଥ୍ ମୁହାଁ ହୋଇଥିଲେ। ପୋଲିଂ କର୍ମଚାରୀମାନେ ଉଚ୍ଚବିଦ୍ୟାଳୟରେ ଥିବାବେଳେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱରୀ ସେଠାରେ ପହଞ୍ଚି ବ୍ୟବସ୍ଥାର ତଦାରଖ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ, ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଡିଆର୍ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ବାଲିକୁଦା ବିଡିଓ କଲ୍ୟାଣ ସୌରଭ ଦାସ, ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ନିୟୋଜିତ ପୋଲିଂ ଅଧିକାରୀମାନଙ୍କୁ ବିଭିନ୍ନ ବୁଥକୁ ପହଞ୍ଚାଇବାରେ ସହଯୋଗ କରିଥିଲେ। ଜିଲାରେ ମୋଟ ୮,୬୩,୪୬୮ ଜଣ ଭୋଟର ୫ଟି ପର୍ଯ୍ୟାୟରେ ୨୬ଟି ଜିଲା ପରିଷଦ ଜୋନ, ୧୯୮ଟି ପଞ୍ଚାୟତ ଓ ୩୩୬୪ଟି ୱାର୍ଡରେ ଏହି ନିର୍ବାଚନ ହେବ। ଏନେଇ ୮ଟି ବ୍ଲକରେ ୮ଟି ଡିସପର୍ସାଲ ସେଣ୍ଟର କରାଯାଇଛି। ସେଗୁଡିକ ହେଲା ଆମ୍ବଶାଳ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତ୍ସିଂହପୁରସ୍ଥିତ ଏସ୍ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ତିର୍ତ୍ତୋଲର ଆଦିକବି ସାରଳା ଦାସ କଲେଜ, ବିରିଡ଼ିର ଅଳକା କଲେଜ, ରଘୁନାଥପୁରର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର, ନାଉଗାଁର ସରକାରୀ ପଲିଟେକ୍ନିକ୍, କୁଜଙ୍ଗ ରାହାମାର ସାରଳା ମହାବିଦ୍ୟାଳୟ, ଏରସମା କୋଠିସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅନ୍ୟତମ। ଆସନ୍ତା ୧୮ ତାରିଖରେ ଜଗତ୍ସିଂହପୁର ବ୍ଲକ ଅଞ୍ଚଳରେ ୨ୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ।



ଜିଲାପାଳ ଡିସପର୍ସାଲ ସେଣ୍ଟର ବୁଲି ଦେଖୁଛନ୍ତି।

**ଜଗତ୍ସିଂହପୁର ଜିଲା**
- ୧.୪୨ ଲକ୍ଷ ଭୋଟରଙ୍କ ପାଇଁ ୫୫୭ ବୁଥ୍
- ୪ଟି ଜିଲା ପରିଷଦ, ୩୦ ପଞ୍ଚାୟତରେ ନିର୍ବାଚନ

## ଗଡ଼ ରକ୍ଷା ପାଇଁ ବିଜେଡି ତତ୍ପର

**କେନ୍ଦ୍ରାପଡ଼ା ଅଫିସ, ୧୫।୨**

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**
- ଆଳି, ଡେରାବିଶରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ
- ୮୮୦ ବୁଥ୍ରୁ ୩୮୫ ଉତ୍ତେଜନାପ୍ରବଣ

କେନ୍ଦ୍ରାପଡ଼ା ଜିଲାର ଆଳି ଓ ଡେରାବିଶ ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ବୁଧବାର ହେବ। ୨୦୧୭ ନିର୍ବାଚନରେ ଆଳିର ୪ ଜୋନ୍ ଓ ଡେରାବିଶର ୩ ଜୋନ୍ରେ ବିଜେଡି ବାଜିମାତ୍ କରିଥିଲା। କଂଗ୍ରେସ ଆଳି ବ୍ଲକ ଅଞ୍ଚଳରେ ଭୋଟ ଗ୍ରହଣ ହାର ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଭାଜପା ଡେରାବିଶ ବ୍ଲକ ଅଞ୍ଚଳରେ ଦ୍ୱିତୀୟ ସ୍ଥାନରେ ଥିଲା। ତେବେ ଚଳିତ ନିର୍ବାଚନରେ କେତେକ କାରଣ ପାଇଁ ବିଜେଡିକୁ ଗଡ଼ରକ୍ଷା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ପଡୁଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଫଳାଫଳ ଅଙ୍କକଷା ଆରମ୍ଭ ହୋଇଥିବା ବେଳେ ପ୍ରାର୍ଥୀଙ୍କ ରଣନୀତି ମଙ୍ଗଳବାର ରାତିରେ ଘନଘନ ପରିବର୍ତ୍ତନ ହେବା ଆଶଙ୍କା ରହିଛି। ସେହିପରି ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇ ସଫଳତାର ଶ୍ରେୟ ପାଇଁ ଜିଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସରିଛି। ଚଳିତ ନିର୍ବାଚନରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାପକ ପୋଲିସ ବଳ ମୁତୟନ କରାଯାଇଛି।

ଆଳି ବ୍ଲକ ଅଞ୍ଚଳର ମୋଟ ୪ ଜିଲା ପରିଷଦ ଜୋନ୍ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ୧, ୩୭, ୮୩୫। ୪୯୦ ବୁଥ୍ରୁ ୧୯୪ଟି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି। ଚଳିତ ନିର୍ବାଚନରେ ବ୍ଲକ ଅଞ୍ଚଳରେ ଖରସ୍ରୋତା ପାଣି ବିବାଦ, ପାନୀୟ ଜଳ, ଗମନାଗମନ ରାସ୍ତା ଓ ସେତୁଠାରୁ ଆରମ୍ଭ କରି କ୍ଷେତକୁ ଜଳ ପରିଚାଳନା ପ୍ରମୁଖ ସମସ୍ୟା ଭାବେ ଉପସ୍ଥାପିତ ହୋଇଛି। କୃଷିଭିତ୍ତିକ ଏହି ବ୍ଲକ ଅଞ୍ଚଳରେ ଅଦ୍ୟାବଧି ଗୋଟିଏ ଇଞ୍ଚ ମଧ କେନାଲ ଜଳସେଚନ ବ୍ୟବସ୍ଥା ନାହିଁ। ପ୍ରାର୍ଥୀମାନେ ଏହାକୁ ନିର୍ବଚନୀ ଆୟୁଧ କରିଛନ୍ତି। ୧ ନଂ. ଜୋନ୍ରେ ବିଜେଡିରୁ କନକଲତା ବେହେରା, କଂଗ୍ରେସରୁ ଝରଣା ମଲ୍ଲିକ ଓ ଭାଜପାରୁ ସୌଦାମିନୀ କୁଅଁର ପ୍ରାର୍ଥୀ ହୋଇଛନ୍ତି। ୨ ନଂ. ଜୋନ୍ରେ କଂଗ୍ରେସରୁ ଅଜୟ କୁମାର ଜେନା, ଭାଜପାରୁ ପ୍ରିୟଦର୍ଶନୀ ନନ୍ଦ ଓ ବିଜେଡିରୁ ଭୀଷ୍ମ ମହାନ୍ତି ଜିଲା ପରିଷଦ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ୩ ନଂ. ଜୋନ୍ରେ କଂଗ୍ରେସରୁ ବିନସ୍ୱିନୀ ସାମଲ, ଭାଜପାରୁ ରେଖା ସେଠୀ ଓ ବିଜେଡିରୁ ସ୍ୱାଗତିକା ରାଉତ ନିର୍ବାଚନ ମଇଦାନରେ ଅଛନ୍ତି। ଚଳିତ ଥର ୪ ନଂ. ଜୋନ୍ ଅଞ୍ଚଳରେ ୫ ପ୍ରାର୍ଥୀ ଅଛନ୍ତି। ସେମାନେ ହେଲେ ବିଜେଡିରୁ ଜୟରାମ ସାହୁ, ଭାଜପାରୁ ବରାହଚରଣ ପଣ୍ଡା, ବିଏସ୍ପିରୁ ବାବାଜୀ ମଲ୍ଲିକ, କଂଗ୍ରେସରୁ ମାନଗୋବିନ୍ଦ ଦାସ ଓ ସିପିଆଇ (ଏମ୍)ରୁ ସୋହନା ବେଗମ।

ସେହିପରି ପ୍ରଥମ ପର୍ଯ୍ୟାୟରେ ଡେରାବିଶ ବ୍ଲକ ଅଞ୍ଚଳର ୧,୧୮,୬୫୫ ଭୋଟର ମତଦାନ କରିବାକୁ ବ୍ୟବସ୍ଥା ହୋଇଛି। ୩୯୦ ବୁଥ୍ରୁ ୧୯୧ ଉତ୍ତେଜନାପ୍ରବଣ ଚିହ୍ନଟ ହୋଇଛି। ଏଥିସହ ବ୍ଲକ ଅଞ୍ଚଳର ୧୯ ସ୍ଥାନରେ ଅସ୍ଥାୟୀ ବୁଥ୍ ନିର୍ମାଣ ହୋଇଛି। ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଏହି ବ୍ଲକରେ ବିଜେଡି ପାଇଁ ଦଳୀୟ ଅନ୍ତଃକନ୍ଦଳ ସହିତ ଆଞ୍ଚଳିକ ସମସ୍ୟା ଗୁରୁତର ହୋଇଛି। ଏହାର ଫାଇଦା ବିରୋଧୀ ଭାଜପା ଓ କଂଗ୍ରେସ ନେବେ ବୋଲି ଆଲୋଚନା ହେଉଛି। ବ୍ଲକର ୧୨ ନଂ. ଜୋନ୍ରେ ଭାଜପାରୁ ତପନ ମଲ୍ଲିକ, ବିଜେଡିରୁ ଧନେଶ୍ୱର ସେଠୀ ଓ କଂଗ୍ରେସରୁ ସସ୍ମିତା ଜେନା ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୧୩ ନଂ. ଜୋନ୍ରେ କଂଗ୍ରେସରୁ ଅନସୂୟା ଦାସ, ବିଜେଡିରୁ ଗୀତାଞ୍ଜଳି ସେଠୀ ଓ ଭାଜପାରୁ ରଞ୍ଜିତା ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ ୧୫ ନଂ. ଜୋନ୍ରେ ୫ ପ୍ରାର୍ଥୀ ଅଛନ୍ତି। ବିଜେଡିରୁ ଅରବିନ୍ଦ ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଦିବ୍ୟରଞ୍ଜନ ଜେନା, କଂଗ୍ରେସରୁ ନିମାଇଁ ଚରଣ ଜେନା, ବିଏସ୍ପିରୁ ପୁଷ୍ପାଞ୍ଜଳି ମଲ୍ଲିକ ଓ ଭାଜପାରୁ ମମତା ସେଠୀ ପ୍ରାର୍ଥୀ ଅଛନ୍ତି। ସମସ୍ତ ବୁଥ୍ରେ ପୋଲିଂ କର୍ମଚାରୀ ପହଞ୍ଚି ଥିବା ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

**ମହିମା ଅଲେଖ ସନାତନ ମଠରେ ମାଘମେଳା**

ପାଣିକୋଇଲି,(ଡି.ଏନ.ଏ.): ମହିମା ଅଲେଖ ଆଶ୍ରମ ଓରିନ୍ଦା ସନାତନ ମଠରେ ମାଘ ମେଳା ଓ ବାର୍ଷିକୋତ୍ସବ ସାଧୁ କ୍ଷମାନନ୍ଦ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓରିନ୍ଦା, ତାଜପୁର, ଖସାଗଡ଼ିଆ, ବର୍ଦ୍ଧମଣା, କାଜିପାଟଣା, ନୂଆଗାଁ, ପଥରପଦା ଆଦି ଗ୍ରାମର ମହିମା ଅଲେଖ ଭକ୍ତମାନେ ଏଥିରେ ଯୋଗଦେଇଥିଲେ । ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ସାଧୁ, ଶ୍ରଦ୍ଧାଳୁ ଘୃତାହୁତି, ଯଜ୍ଞ, ବାଲ୍ୟଲୀଳା କରିଥିଲେ । ମଠ ପକ୍ଷରୁ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ରାଗରାଗିଣୀର ତୃପ୍ତି



**ଡ. ଦାମୋଦର ହୋତାଙ୍କ ଏକାଦଶାହ ଉପଲକ୍ଷେ**

ଦୀର୍ଘ ୪୫ବର୍ଷ ତଳର କଥା । ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନ ହୋଇ ନ ଥିଲା । ରବୀନ୍ଦ୍ରମଣ୍ଡପରେ ସଙ୍ଗୀତ ଶିକ୍ଷା ଦିଆଯାଉଥାଏ । ସେହି ସମୟରେ ସିନେମା ସଙ୍ଗୀତ ଗାଇ ମୁଁ ବେଶ୍ ସୁନାମ ଅର୍ଜିଥାଏ । ହେଲେ ସଙ୍ଗୀତ ଶିଖିବାର ଆଗ୍ରହ ମୋ ଭିତରେ ନ ଥାଏ । କିନ୍ତୁ ବୋଧହୁଏ ଈଶ୍ୱର ମୋ ପାଇଁ ଅଲଗା ପରିବେଶ ରଖିଥିଲେ । ତେଣୁ ଅନିଚ୍ଛା ସତ୍ତ୍ୱେ ମଧ କିଛି ଶୁଭେଚ୍ଛୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସଙ୍ଗୀତ ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଇଣ୍ଟରଭ୍ୟୁ ଦେଲି । ନାମ ଲେଖା ହେଉ ବା ନ ହେଉ ସେ ଚିନ୍ତା ମୋର ନ ଥାଏ । କେବଳ ମୋତେ ଭଲରେ ଗୀତଟିଏ ଗାଇ ଶୁଣେଇବାର ଥାଏ । ସାମନାରେ ଯିଏ ଥିଲେ ସେ ହେଲେ ଡ. ଦାମୋଦର ହୋତା । ଅନ୍ୟମାନଙ୍କଠାରୁ ତାଙ୍କ ବିଷୟରେ ଶୁଣିଥିଲି ସେ ପ୍ରବଳ ରାଗୀ ମଣିଷ । ତାଙ୍କ ସାମ୍ନାରେ ଗାଇଲି ମାନ୍ନା ଦେଙ୍କ ଚଳଚ୍ଚିତ୍ର ଗୀତଟିଏ–''ଝନକ ଝନକ ତୋରେ ବାଜେ ପାୟଲିୟା'' । ଲକ୍ଷ୍ୟ କଲି ପରିବେଶ ପୂରା ନିସ୍ତବ୍ଧ ଆଉ ତାଙ୍କ ମୁହଁରେ ସାମାନ୍ୟ ଖୁସିର ଝଲକ । ମୁଁ ସେଠାରେ ପ୍ରଥମ ସ୍ଥାନ ଅଧିକାର କରି ସଙ୍ଗୀତ ବିଦ୍ୟାର୍ଥୀ ହୋଇଗଲି । ପରେ ଗୁରୁଜୀ ମୋତେ କହିଥିଲେ– ତମେ ସିନେମା ଗୀତ ଗାଇଥିବାରୁ ତୁମର ନାମଲେଖା ହୋଇ ନ ଥାନ୍ତା । କିନ୍ତୁ ଯେହେତୁ ଭଲ ଗାଇଲ ତେଣୁ ତୁମକୁ ସୁଯୋଗ ଦିଆଗଲା । ସେତେବେଳେ ମୋ ନନା, ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ହସ୍ପିଟାଲର ଡାକ୍ତର ରାଜ କବିରାଜ ନରହରି ପାଣି ମୋ ଉପରେ ବହୁତ ଅସନ୍ତୁଷ୍ଟ ହେଲେ । ଯଦିଓ ସେ ତଥା ମୋର ଭାଇଭଉଣୀ ସବୁ ସୁନ୍ଦର ଭାବରେ ଗାଇପାରନ୍ତି, ତଥାପି ସେ ମୋ ସଙ୍ଗୀତକୁ ପେସା କରି ଚଳିବା ବିପକ୍ଷରେ ହିଁ ଥିଲେ । କିନ୍ତୁ ମୋ ବଡ଼ ଭାଇନା ଯିଏ କି ରିଜିଓନାଲ କଲେଜରେ ରିଡର ଥିଲେ, ସେ କହିଲେ ତୁ ଯାହା ବି କର, ସେଥିରେ ପ୍ରଥମ ହେବାକୁ ଚେଷ୍ଟା କର । ମୁଁ ନନାଙ୍କୁ ବୁଝେଇବି । ତା' ପରେ ମୁଁ ଆଉ ପଛକୁ ଦେଖିନି । ଧୀରେ ଧୀରେ ସିନେମା ଗୀତରୁ ଶାସ୍ତ୍ରୀୟ ସଙ୍ଗୀତ ଆଡ଼କୁ ମନ ଢଳିଲା । ରାଗରାଗିଣୀର ତୃପ୍ତି ଅବର୍ଣ୍ଣନୀୟ । ସେମାନଙ୍କୁ ଆବାହନ ତଥା ଆରାଧନା କରାଯାଏ । ପ୍ରଥମରୁ ହିଁ ମୋ ଅଜାଣତରେ ରାଗରାଗିଣୀ ମୋତେ ଆକୃଷ୍ଟ କରିଛନ୍ତି । ଏତେସବୁ କହିବାର କାରଣ ହେଲା– ଏସବୁର ଅଗ୍ରଭାଗରେ ଯିଏ ମୁଖ୍ୟ ପୁରୋଧା ଥିଲେ, ସିଏ ହେଉଛନ୍ତି ମୋର ପରମ ପୂଜ୍ୟ ଗୁରୁଜୀ ପଣ୍ଡିତ ଦାମୋଦର ହୋତା । ଯିଏକି, ତାଙ୍କ ସମୟରେ ଛାତ୍ରବୃତ୍ତି ପାଇ ବନାରସ୍ ହିନ୍ଦୁ ୟୁନିଭର୍ସିଟିରେ ଗୁରୁଜୀ ବଳବନ୍ତରାୟ ଭଟ୍ଟ, ବଡ଼େ ଗୁରୁଜୀ ଓଁକାରନାଥ ଠାକୁରଙ୍କ ମାର୍ଗ ଦର୍ଶନରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଟପ୍ପର ହୋଇଥିଲି । ଅନେକ ସ୍ଥାନରେ କର୍ମସଂସ୍ଥାନର ମୋହକୁ ପରିତ୍ୟାଗ କରି ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଚାର ପ୍ରସାରର ସ୍ୱପ୍ନ ଦେଖୁଥିଲି । ସେଇ ସମୟରେ ଗୁରୁଜୀଙ୍କ ସମସାମୟିକ ଡ. ସୁନନ୍ଦା ପଟ୍ଟନାୟକ ଆମ ରାଜ୍ୟରେ ସାଙ୍ଗୀତିକ ପରିବେଶ ନ ପାଇ କଲିକତାକୁ ନିଜର କର୍ମକ୍ଷେତ୍ର ରୂପେ ବାଛିଥିଲେ । ନିଜ ମାଟିରେ ଶାସ୍ତ୍ରୀୟ ସଙ୍ଗୀତର ବିକାଶ ଚାହୁଁଥିବା ଗୁରୁଜୀ କିନ୍ତୁ ଅନେକ ଦୁଃଖଦୁର୍ଦ୍ଦଶା, ଅଭାବ ଅନଟନ ତଥା ସଂଘର୍ଷର ସାମ୍ନା କରି ମଧ ଯେଉଁଭଳି ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ ଭାବରେ କାମ କରୁଥିଲେ, ତାହା କେବଳ ଏକ ବିରଳ ବ୍ୟକ୍ତିତ୍ୱ ହିଁ କରିପାରେ ।

ଥରେ ଗୁରୁଜୀଙ୍କର ଖେୟାଲ ଗାୟନ ଥାଏ ରବୀନ୍ଦ୍ର ମଣ୍ଡପରେ । ଭାରତବର୍ଷର ଅନ୍ୟଜଣେ ବିଶିଷ୍ଟ ଗୁଣୀ ସିତାର ବାଦକ ଉସ୍ତାଦ୍ ହଲିମ୍ ଜାଫର ଖାଁଙ୍କର ସିତାର ବାଦନ କାର୍ଯ୍ୟକ୍ରମ ଥାଏ ଗୁରୁଜୀଙ୍କ ପରେ । ଗୁରୁଜୀଙ୍କ ଗାୟନରେ ଗ୍ୱାଲିୟର ଘରାନାର ଅଷ୍ଟାଙ୍ଗ ଗାୟକୀ ଏତେ ଉଚ୍ଚକୋଟୀର ଥିଲା ଯେ, ମନ୍ତ୍ରମୁଗ୍ଧ ଉସ୍ତାଦ୍ ହଲିମ୍ ଜାଫର ଖାଁ ସାହେବ ଗୁରୁଜୀଙ୍କୁ କହିଥିଲେ ଆପ ତୋ ''ଗାଗର ମେଁ ସାଗର ହୋ'' । କହିବା ବାହୁଲ୍ୟ, ଆମ ଗୁରୁଜୀ ଦେଶର ଅନ୍ୟ ବିଦ୍ୱାନଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲେ । ସେ ଥିଲେ ଏକାଧାରରେ ଉଚ୍ଚକୋଟୀର ସଙ୍ଗୀତ ସାଧକ, ପୁସ୍ତକ ରଚୟିତା ତଥା ଓଡ଼ିଶୀ ସଙ୍ଗୀତର ଗାୟକ ଓ ଗବେଷକ ତଥା ନୂତନ ରାଗର ରଚୟିତା । ତାଙ୍କର ପ୍ରଗାଢ଼ ନିଷ୍ଠା, ଆନ୍ତରିକ ଇଚ୍ଛାଶକ୍ତି ତଥା ସଙ୍ଗୀତ ଓ ଗୁରୁଙ୍କ ପ୍ରତି ସମର୍ପିତ ଭାବନା ଥିବାରୁ ସେ ଧ୍ରୁପଦ, ଧମାର, ଖେୟାଲ, ଠୁମୁରୀ ଓ ଟପ୍ପା ଶୈଳୀକୁ ସୁନ୍ଦର ଭାବରେ ପରିବେଷଣ କରିବା ସହିତ ଆମ ରାଜ୍ୟର ପାରମ୍ପରିକ ସଙ୍ଗୀତ ଓଡ଼ିଶୀ ଛାନ୍ଦ ଓ ଚମ୍ପୁକୁ ମଧ ସୁନ୍ଦର ଭାବରେ ଗାୟନ କରିପାରୁଥିଲେ । ତବଲା ଓ ମର୍ଦ୍ଦଳ ବାଦନରେ ସେ ଦକ୍ଷତା ହାସଲ କରିଥିଲେ ଏବଂ ତତ୍ ସହିତ ହିନ୍ଦୁସ୍ତାନୀ ଏବଂ ଓଡ଼ିଶୀ ସଙ୍ଗୀତରେ ଅନେକ ପୁସ୍ତକ ମଧ ରଚନା କରି ନିଜକୁ 'ଉତ୍ତମ ବାଗ୍ୟେକାର' ରୂପରେ ସାବ୍ୟସ୍ତ କରିପାରିଛନ୍ତି । ସେ ଓଡ଼ିଶୀ ସଙ୍ଗୀତରେ ଗବେଷଣା କରି ପ୍ରାମାଣିକ ତଥ୍ୟ ସହିତ ଅନେକ ରାଗରାଗିଣୀର ପୁନରୁତ୍ଥାନ କରି ତଥା କିଛି ନୂଆ ରାଗ ସୃଷ୍ଟି କରି ଯେଉଁ ପୁସ୍ତକ ସବୁ ରଚନା କରିଛନ୍ତି ତାହାର ଠିକ୍ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ହୋଇନାହିଁ । ସେ ସବୁ ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଉଚିତ । ଏସବୁ ପାଇଁ ଗୁରୁଜୀ ଅନେକ ଚେଷ୍ଟା କରିଥିଲେ ମଧ ତାଙ୍କୁ କୌଣସି ସହଯୋଗ ମିଳିନାହିଁ । ଏବେ ତାଙ୍କ ଅବର୍ତ୍ତମାନରେ ଯଦି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଏ, ତେବେ ତାଙ୍କ ଆତ୍ମା ତୃପ୍ତ ହେବ ନିଶ୍ଚିତ । ଗୁରୁଜୀ ସଙ୍ଗୀତାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କଟିଏ ହୋଇ ରହିଥିବେ । ଯିଏ କି ଆମ ରାଜ୍ୟର ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାରରେ ଭୀଷ୍ମ ପିତାମହ ଥିଲେ ।

ସାଧକଟିଏ କେବେ ପୁରସ୍କାର ପଛରେ ଗୋଡ଼ାଏନି । ବରଂ ପୁରସ୍କାର ତା' ସହିତ ଯୋଡ଼ି ହୋଇ ରହିଥାଏ । ଉଦାହରଣରେ ଆମେ ଲତା ମଙ୍ଗେସ୍କରଙ୍କୁ ନେଇପାରିବା । ଗୁରୁଜୀ ସରସ୍ୱତୀ ପୂଜାଦିନ ତଥା ଲତାଜୀ ସରସ୍ୱତୀ ପୂଜା ପରଦିନ ସ୍ୱର୍ଗାରୋହଣ କଲେ । ଯଦିଓ ଦୁହେଁ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ସାଧକ ଥିଲେ, ଲତାଜୀ ଭାରତରତ୍ନ ଉପାଧିରେ ଭୂଷିତା ଥିବାବେଳେ କିନ୍ତୁ ମୋ ଗୁରୁଜୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଆଖିଦୃଶିଆ ସମ୍ମାନ ମିଳିନାହିଁ । ଏକଥା ତ ନିଶ୍ଚିତ ସତ୍ୟ ଯେ, ଯିଏ ଈଶ୍ୱରଦତ୍ତ ପ୍ରତିଭାର ଅଧିକାରୀ ତା'ର ତୃପ୍ତି ଆଗରେ ପୁରସ୍କାର ଗୌଣ ନିଶ୍ଚିତ । କିନ୍ତୁ ପ୍ରୋତ୍ସାହନ ସାମାଜିକ ଦାୟିତ୍ୱବୋଧକୁ ଅନେକ ପରିମାଣରେ ବଢ଼ାଇ ଦିଏ । କଳାକାରକୁ ପ୍ରଥମେ ନିଜ ମାତୃଭୂମି ଚିହ୍ନିଲେ ତା'ପରେ ଅନ୍ୟମାନେ ଚିହ୍ନନ୍ତି । ଆଜି ଯଦି ଆମକୁ ରାଜ୍ୟ ବା ଦେଶ ଚିହ୍ନୁଥାଏ ତାହା ହେଉଛି ଆମ ଗୁରୁଜୀଙ୍କ ଦାନ ତଥା ଆଶୀର୍ବାଦ । ଆଜିକାଲି ଅଣସଙ୍ଗୀତ ତଥା ସଙ୍ଗୀତକାରଙ୍କ ଦୌରାତ୍ମ୍ୟରେ ପ୍ରକୃତ ସାଧକଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ । ବଡ଼ କ୍ଷୋଭର ସହିତ କହିବାକୁ ପଡୁଛି ଯେ, ଆମ ରାଜ୍ୟରେ ଶସ୍ତ୍ରୀୟ ସଙ୍ଗୀତରେ ଗର୍ବ ଗୌରବର ବାର୍ତ୍ତାବହ ମୋ ଗୁରୁଜୀ ବହୁ ଅନ୍ୟାୟ ତଥା ଅବହେଳାର ଶିକାର ହୋଇଛନ୍ତି । ଏବେ ସେ ସଂସାର ତ୍ୟାଗ କରିବା ପରେ ହୁଏତ ତାଙ୍କ ପ୍ରତିଭାର ମୂଲ୍ୟାଙ୍କନ କରାଯାଇପାରେ । କିନ୍ତୁ ଜ୍ଞାନୀ ଗୁଣୀ କଳାକାରଙ୍କୁ ଅସମ୍ମାନ ପ୍ରଥା ବନ୍ଦ ହେବା ଉଚିତ ।

**ଡ. ଚିତ୍ତରଞ୍ଜନ ପାଣି**
ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
ମୋ: ୯୪୩୭୨୩୨୧୭୪

## ଅଭୟପୁର ପଞ୍ଚାୟତରେ ନିର୍ବାଚନୀ ହିଂସା



ନିର୍ବାଚନୀ ହିଂସାରେ ଭାଙ୍ଗିଥିବା କାର୍ ।

**୮ ଅଟକ, ପ୍ରାର୍ଥୀଙ୍କ ପୁତୁରା ଗୁରୁତର**

ଧର୍ମଶାଳା, ୧୫।୨(ଡି.ଏନ.ଏ.)

ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତରେ ସୋମବାର ରାତିରେ ନିର୍ବାଚନୀହିଂସା ଘଟିଛି । ଏହିପଞ୍ଚାୟତର ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ନେହାଞ୍ଜଳି ଗନ୍ତାୟତଙ୍କ ସ୍ୱାମୀ ଓ ସହଯୋଗୀମାନେ ସୋମବାର ସନ୍ଧ୍ୟାରେ ପ୍ରଚାର ସାରି ହୋଟେଲରୁ ଖାଇ ଏକ କାର(ନଂ.ଓଡି ୩୩ ଏସି ୧୯୮୯)ରେ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୧ଟାରେ ଦଳିତସାହି ନିକଟରେ ତାଙ୍କ ବିପକ୍ଷ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ଏକ କାର (ନଂ.ଓଡି ୦୨ ବିଏମ ୪୫୪୬)ରେ ଆସି ତାଙ୍କ ଗାଡ଼ିକୁ ଅଟକାଇଥିଲେ । ସେମାନେ ଖରାପ ଭାଷାରେ ଗାଳିଗୁଲଜ କରି ଗାଡ଼ିରେ ଥିବା ରଶ୍ମିରଞ୍ଜନ ଗନ୍ତାୟତଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ରଶ୍ମିରଞ୍ଜନ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସ୍ନେହାଞ୍ଜଳିଙ୍କ ସ୍ୱାମୀ ପ୍ରଶାନ୍ତ ଅଭିଯୋଗ କରିଛନ୍ତି ତାଙ୍କ ପୁତୁରା ରଶ୍ମିରଞ୍ଜନଙ୍କୁ ବିପକ୍ଷ ପ୍ରାର୍ଥୀଙ୍କ ସମର୍ଥକମାନେ ପିଟିବା ସହ ତାଙ୍କ ନିକଟରୁ ୨ହଜାର ଟଙ୍କା ଛଡ଼ାଇ ନେଇଛନ୍ତି । ଏଥିସହ ତଣ୍ଟିଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ପହଞ୍ଚି ରଶ୍ମିରଞ୍ଜନଙ୍କୁ ଉଦ୍ଧାର କରିଥିଲେ । ଏନେଇ ପ୍ରଶାନ୍ତ ୧୬ ଜଣଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଦୁଇ ପ୍ରାର୍ଥୀଙ୍କ ପାଇଁ ସମ୍ମାନର ପ୍ରଶ୍ନ

**ଗୋପାଳପୁର ପଞ୍ଚାୟତ**

ଚଣ୍ଡିଖୋଲ, ୧୫।୨(ଡି.ଏନ୍.ଏ.)

ବଡ଼ଚଣା ନିର୍ବାଚନମଣ୍ଡଳୀର ଗୋପାଳପୁର ପଞ୍ଚାୟତ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ପଞ୍ଚାୟତର ସମିତି ସଭ୍ୟ ଭାବେ ୧୯ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାମଲ ନିର୍ବାଚନ ଲଢୁଥିବା ବେଳେ ସରପଞ୍ଚ ପ୍ରାର୍ଥୀ ଭାବେ ୨୦ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ସ୍ତ୍ରୀ ପୂର୍ଣ୍ଣିମା ଜେନା ନିର୍ବାଚନ ଲଢୁଛନ୍ତି । ଉଭୟ ଶାସକ ଦଳର ସମର୍ଥନରେ ପ୍ରାର୍ଥୀ ହୋଇଛନ୍ତି । ଏହା ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି ।

ସୂଚନାଯୋଗ୍ୟ, ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୯ ଓ ୨୦ ନଂ. ଜୋନ୍‌ରୁ ବିଜୟୀ ହୋଇଥିବା ଇତିଶ୍ରୀ ଓ ବିପିନ ଘର ଗୋପାଳପୁର ପଞ୍ଚାୟତରେ । ବିପିନ ବଡ଼ଚଣା ବିଜେଡିର ବ୍ଲକ ସାଧାରଣ ସମ୍ପାଦକ ଥିଲା ବେଳେ ଇତିଶ୍ରୀ ରାଜ୍ୟ ସମ୍ପାଦିକା ଭାବେ କାର୍ଯ୍ୟ କରିଛନ୍ତି । ଏହି ପଞ୍ଚାୟତଟି ୨ ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୬ ହଜାର ୩୫ ଭୋଟର ରହିଛନ୍ତି । ଏଠାରୁ ସରପଞ୍ଚ ଭାବେ ପୂର୍ଣ୍ଣିମା ଜେନା, ଗୋଦାବରୀ ଶାନ୍ତି ଓ ପିଙ୍କିରାଣୀ ବେହେରା ୩ ପ୍ରତିଦ୍ୱନ୍ଦ୍ୱି ଭାବେ ଉଭା ହୋଇଛନ୍ତି । ସେହିପରି ସମିତି ସଭ୍ୟା ଭାବେ ଇତିଶ୍ରୀ ସାମଲ ଓ ପୁଷ୍ପଲତା ସାମଲଙ୍କ ମଧ୍ୟରେ ଦୁଇମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ତେବେ ଏହି ନିର୍ବାଚନରେ ଭୋଟରମାନେ ଆସନ୍ତା ୧୮ ତାରିଖରେ ମତଦାନ କରିବା ପରେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଦୁଇ ଜିଲା ପରିଷଦ ସଭ୍ୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିବାରୁ ଏହି ପଞ୍ଚାୟତଟି ଏବେ ବଡ଼ଚଣା ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଆଚରଣ ବିଧି ଉଲ୍ଲଂଘନ ୨ ନିଲମ୍ବିତ, ୨ ଟର୍ମିନେଟ୍

ଯାଜପୁର ଟାଉନ, ୧୫।୨(ଡି.ଏନ୍.ଏ.)

ଚଳିତ ପଞ୍ଚାୟତ ନିର୍ବାଚନରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଯାଜପୁର ଜିଲା ବିଂଝାରପୁର ବ୍ଲକ ହଳଦିଡିହ ପଞ୍ଚାୟତର ଜିଆରଏସ୍ ଅଧିର କୁମାର ବାରିକଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି । ନିଲମ୍ବନ ସମୟରେ ତାଙ୍କ କାର୍ଯ୍ୟସ୍ଥଳ ଡିଆରଡିଏ କାର୍ଯ୍ୟାଳୟ ହେବ ବୋଲି ଧାର୍ଯ୍ୟ କରିଛନ୍ତି । ସେହିପରି ବିଂଝାରପୁର ବ୍ଲକ ଅଳକୁଣ୍ଡ ସ୍ଥିତ ଅବଦୁଲ ମସ୍‌ଜିଦ ନୋଡାଲ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ମହମ୍ମଦ ଓକିଲଙ୍କୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନିଲମ୍ବନ କରାଯାଇଛି । ନିଲମ୍ବନ ସମୟରେ ସେ ଜିଲା ଶିକ୍ଷା ଅଧିକାରୀ ଯାଜପୁରଙ୍କ କାର୍ଯ୍ୟାଳୟ କାମ କରିବେ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ଧର୍ମଶାଳା ବ୍ଲକ କୁମାରୀ ଗ୍ରାମ ପଞ୍ଚାୟତର ଦକ୍ଷ ନଥିପତ୍ର ପରିଚାଳିକା ଝୁନୁଲତା ଦାସ ଓ ବଡ଼ଚଣା ବ୍ଲକ ଚଣ୍ଡୀତଳ ପଞ୍ଚାୟତର ଦକ୍ଷ ନଥିପତ୍ର ପରିଚାଳିକା ସୁଜାତା ସାମଲଙ୍କୁ ନିର୍ବାଚନ ପ୍ରଚାରରେ ସାମିଲ ଅଭିଯୋଗରେ ଜିଲାପାଳ ରାଠୋର ଟର୍ମିନେଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଅନୁପସ୍ଥିତ ପୋଲିଂ ଅଧିକାରୀଙ୍କୁ ଜବାବ ତଲବ

ଯାଜପୁର ଅଫିସ/
ଯାଜପୁର ଟାଉନ,(ଡି.ଏନ.ଏ.)୧୫।୨

ଯାଜପୁର ଜିଲାରେ ୨୦୨୨ ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ କମିଶନ ୫ ପର୍ଯ୍ୟାୟ ଅବଧି ଧାର୍ଯ୍ୟ କରିଛନ୍ତି । ସେହି ଆଧାରରେ ପ୍ରଥମ ପର୍ଯ୍ୟାୟ ମତଦାନ ଯାଜପୁର ଓ ଧର୍ମଶାଳା ବ୍ଲକ ପାଇଁ ବୁଧବାର ଅନୁଷ୍ଠିତ ହେବ । ମଙ୍ଗଳବାର ଉଭୟ ବ୍ଲକରୁ ପୋଲିଂ ପାର୍ଟିମାନଙ୍କୁ ସେମାନଙ୍କ ନିର୍ଦ୍ଧାରିତ ବୁଥ୍ ଅଭିମୁଖେ ପ୍ରେରଣ କରାଯାଇଛି । ତେବେ କେତେଜଣ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ବିନା ଅନୁମତି ବା କୌଣସି କାରଣ ନ ଦର୍ଶାଇ ଅନୁପସ୍ଥିତ ରହିଛନ୍ତି ବୋଲି ସମ୍ପୃକ୍ତ ବିଡ଼ିଓମାନେ ଜିଲାପାଳଙ୍କୁ ରିପୋର୍ଟ କରିଛନ୍ତି । ତେଣୁ ସେହି ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ସହ ନିର୍ବାଚନ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଏକ ଜାତୀୟ କାର୍ଯ୍ୟକ୍ରମ ଓ ଏଥିରେ ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନ ଓ ଜିଲା ପ୍ରଶାସନ ସ୍ପଷ୍ଟ କରିଥିଲେ । ତେଣୁ ବିନା ଅନୁମତି ଓ ବିନା କାରଣରେ ଅନୁପସ୍ଥିତ ପୋଲିଂ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ ସେମାନଙ୍କ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦେବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯିବ । ବିନା ଅନୁମତିରେ ଅନୁପସ୍ଥିତ ରହିଲେ ଅନୁରୂପ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି ।

## ବରିଷ୍ଠ ଖବରକାଗଜ ବିତରକଙ୍କ ପରଲୋକ



ବରୀ, ୧୫।୨(ଡି.ଏନ୍.ଏ.)

ବରୀ ଅଞ୍ଚଳର ପ୍ରଥମ ଖବରକାଗଜ ବିତରକ ଆଦିକନ୍ଦ ଜେନାଙ୍କ ମଙ୍ଗଳବାର ପରଲୋକ ଘଟିଛି । ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ଜେନା ପ୍ରତିଦିନ ଭୋରୁ ଉଠି ପ୍ରଥମେ ହକର୍ସ ପଏଣ୍ଟରେ ପହଞ୍ଚି ଥାଆନ୍ତି । ପ୍ରକାଶିତ ଖବରକୁ ସେ ପ୍ରଥମେ ପଢ଼ିବା ପରେ ବିତରଣ କ୍ଷେତ୍ରକୁ ଯାଇଥାନ୍ତି । ଏଭଳି ନିଆରା ମଣିଷ ଦୀର୍ଘଦିନ ଧରି ଖବରକାଗଜ ବିତରକ ଭାବେ ବରୀ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ବରୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା । ଗ୍ରାମ ଶଶ୍ମାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ଆଶିଷ ଜେନା ମୁଖାଗ୍ନି ଦେଇଥିଲେ । ବରୀ ସାମ୍ବାଦିକ ସଂଘ ପକ୍ଷରୁ ମହେନ୍ଦ୍ର ସ୍ୱାଇଁ, ପ୍ରତାପ ଦାସ, ଅଜୟ ଜେନା, ଚୈତନ୍ୟ ଜେନା, ସତ୍ୟ କର, ଅରୁଣ କୁମାର ବେହେରା, ସୁମନ କଲ୍ୟାଣ ଦାସ, ପ୍ରଦୀପ ମହାରଣା, ସାଗର ବେଉରିଆ, ଉତ୍କଳ ନାୟକ, ଘନଶ୍ୟାମ ବିଶ୍ୱାଳ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## 'ଘର୍ ସେ ଘର୍ ତକ୍' ସୁରକ୍ଷା ଅଭିଯାନର ଶୁଭାରମ୍ଭ

କଳିଙ୍ଗ ନଗର, ୧୫।୨(ଡି.ଏନ.ଏ.)

ଚୁକ୍ତି ଭିତ୍ତିକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ମଧ୍ୟରେ ସୁରକ୍ଷା ଭାବ ଜାଗ୍ରତ କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ କାପାବିଲିଟି ଡେଭେଲପ୍‌ମେଣ୍ଟ ଟ୍ରେନିଂ ସେଣ୍ଟର ପ୍ରେକ୍ଷାଳୟରେ ମଙ୍ଗଳବାର 'ଘର୍ ସେ ଘର୍ ତକ୍' ନାମକ ୩ଦିନିଆ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରାଯାଇଛି । ଟିଏସ୍‌କେର ସୁରକ୍ଷା ମୁଖ୍ୟ ଆର୍.ଏସ୍.ମିଶ୍ରଙ୍କ ଉପସ୍ଥିତିରେ ଉପସଭାପତି (ଅପରେଶନ୍) ରାଜୀବ କୁମାର ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । କେବଳ ଚୁକ୍ତି ଭିତ୍ତିକ କର୍ମଚାରୀ ନୁହନ୍ତି ବରଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ମଧ୍ୟରେ ସୁରକ୍ଷା ଅଭ୍ୟାସ ଜାଗ୍ରତ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନକୁ ନିରାପତ୍ତା ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚୁକ୍ତି ଭିତ୍ତିକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୬୫ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ । ଏହି ଅବସରରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘରୋଇ ସୁରକ୍ଷା, ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା, ସଡ଼କ ସୁରକ୍ଷା ଏବଂ ବ୍ୟବହାରଜନିତ ସୁରକ୍ଷା ଆଦି ଉପରେ ଆଲୋକପାତ କରାଯିବାର କାର୍ଯ୍ୟକ୍ରମ ରହିଛି ।




ରାଜୀବ କୁମାର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରୁଛନ୍ତି ।

## କଲ୍ୟାଣପୁର ପଞ୍ଚାୟତର ୯ ବୁଥ୍‌ରେ ବ୍ୟାପକ ପୋଲିସ ମୁତୟନ ଦାବି

ବିଞ୍ଝାରପୁର, ୧୫।୨(ଡି.ଏନ.ଏ.)

ଚଳିତ ପଞ୍ଚାୟତ ନିର୍ବାଚନରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ୯ ବୁଥ୍‌ରେ ସିସିଟିଭି କ୍ୟାମେରା ସାଙ୍ଗକୁ ବ୍ୟାପକ ପୋଲିସ ମୁତୟନ କରିବାକୁ ସରପଞ୍ଚ ପ୍ରାର୍ଥୀ ସୁଶ୍ରୀସଙ୍ଗୀତା ନାୟକ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ଦାବି କରିଛନ୍ତି । ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି, ପଞ୍ଚାୟତର କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ– ୯, ୧୦, ୧୧ ଓ ୧୨ , ରୁଦ୍ରପୁର ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ. ୧୪, ୧୫ ଓ ୧୬, ବାବୁ ଗୋସ୍ୱାମୀ ନୋଡ଼ାଲ ସ୍କୁଲ ବୁଥ୍ ନଂ. ୪ ଓ ୧୩ରେ ୨୦୧୭ ପଞ୍ଚାୟତ ନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନ ସମୟରେ ର୍‍ୟାଗିଂ ହେବା ସହ ବାଲାଟ ବାକ୍ସ ଫୋପାଡ଼ି ଦିଆଯିବା ଭଳି ଘଟଣା ଘଟିଥିଲା । ପରେ ଏହି ବୁଥ୍‌ଗୁଡ଼ିକରେ ଆଉଥରେ ଭୋଟ ଗ୍ରହଣ କରାଯାଇଥିଲା । ତେଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ଉପରୋକ୍ତ ବୁଥ୍‌ଗୁଡ଼ିକରେ ସିସି କ୍ୟାମେରା ଲଗାଇବା ସହ ପୋଲିସ ଫୋର୍ସ ମୁତୟନ କରିବାକୁ ସରପଞ୍ଚ ପ୍ରାର୍ଥୀ ନାୟକ ଜିଲାପାଳ ରାଠୋରଙ୍କ ନିକଟରେ ଦାବି କରିବା ସହ ରାଜ୍ୟ ନିର୍ବାଚନ ଅଧିକାରୀ ଓ ଏସ୍‌ପି ରାହୁଲ ପିଆରଙ୍କୁ ଅବଗତ କରିଛନ୍ତି ।

## ତ୍ରିମୁଖୀ ଲଢ଼େଇ ପାଇଁ ରଣକ୍ଷେତ୍ର ପ୍ରସ୍ତୁତ

ବରୀ, ୧୫।୨(ଡି.ଏନ.ଏ.)

ଯାଜପୁର ଜିଲା ବରୀ ବ୍ଲକ୍ ୨୧ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଧାରପୁର, ଈଶାଣପୁର, ବାଲିଆ, ସ୍ୱାଇଁଖଣ୍ଡ, ଗୋଳକୁଣ୍ଡ, କିମ୍ବିରିଆପାଳ ଓ ବାଇଁଶିରିଆ ପଞ୍ଚାୟତ ରହିଛି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରୁ ବିଜେଡି ଟିକେଟ୍‌ରେ ଅଶୋକ କୁମାର ସାମଲ, ଭାଜପାରୁ ତପନ କୁମାର ପଣ୍ଡା ଓ କଂଗ୍ରେସରୁ ରଶ୍ମିକାନ୍ତ ଜେନା ପ୍ରାର୍ଥୀ ହୋଇଛନ୍ତି । ଶାସକ ଦଳରୁ ପ୍ରାର୍ଥୀ ହୋଇଥିବା ସାମଲ ଏହି ବ୍ଲକ୍‌ର ଧାରପୁର ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବରୀ ବ୍ଲକ୍‌ର ଉପାଧ୍ୟକ୍ଷ ପଦ ହାତେଇ ଥିଲେ । ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୭ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ବିରୋଧରେ ପ୍ରବଳ ଜନମତ ଥିଲେ ମଧ ସେ ଏହି ଜୋନ୍‌ରୁ ବିଜୟୀ ହୋଇଥିଲେ । ଭାଜପା ପ୍ରାର୍ଥୀ ପଣ୍ଡା ଏହି ଜୋନ୍‌ର ଅଧିବାସୀ ନୁହନ୍ତି । ହେଲେ ବିଗତ ଦିନରେ ଏହି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଛନ୍ତି । ପରବର୍ତ୍ତୀ ଅବସ୍ଥାରେ ଶାସକ ଦଳ ସମର୍ଥନରେ ନିଜ ସ୍ତ୍ରୀଙ୍କୁ ସାହୁପଡା ପଞ୍ଚାୟତର ସରପଞ୍ଚ ଭାବେ ଅବସ୍ଥାପିତ କରିବାରେ ସମର୍ଥ ହୋଇଥିଲେ । କିନ୍ତୁ ପଣ୍ଡାଙ୍କ ବାରମ୍ବାର ଦଳବଦଳ ନୀତି ଯୋଗୁ ଯୁବପିଢ଼ି, ବୁଦ୍ଧିଜୀବୀ ଓ ସଚେତନ ଭୋଟର ଭାଜପାମୁହାଁ ହୋଇଥିଲେ ହେଁ ପଣ୍ଡାଙ୍କ ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରିପାରି ନାହାନ୍ତି । ଅପରପକ୍ଷେ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସରୁ ଏହି ଜୋନ୍‌ରେ ପ୍ରାର୍ଥୀ ଦିଆଯାଇ ନ ଥିଲା । ଚଳିତ ପଞ୍ଚାୟତ ନିର୍ବାଚନରେ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ହେଲ ଯୁବ ନେତୃତ୍ୱ ଓ କଂଗ୍ରେସର ସାଂଗଠନିକ ଦକ୍ଷତାର ଅଭାବ ଯୋଗୁ ପ୍ରଚାର ପ୍ରସାର କ୍ଷେତ୍ରରେ ଦଳ ପଛରେ ପଡ଼ିଛି । ଶାସକ ଦଳରୁ ପ୍ରାର୍ଥୀ ହୋଇଥିବା ସାମଲ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ପ୍ରଚାରର ମାଧ୍ୟମ କରିଛନ୍ତି ।















ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୬ ଫେବୃୟାରୀ, ୨୦୨୨

**ମାର୍ଚ୍ଚ ୧୨ରେ ପ୍ଲାଟିନମ ଜୁବିଲି ଉତ୍ସବ**

ଖଣ୍ଡପଡା,(ସ୍ୱ.ପ୍ର.): କୋଭିଡ୍ କଟକଣା ପାଇଁ ସ୍ଥଗିତ ଥିବା ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହେବ। ବିଦ୍ୟାଳୟ ପରିସରରେ ୩ ଦିନ ଧରି ଉତ୍ସବର ଆୟୋଜନ ନେଇ ପ୍ଲାଟିନମ ଜୁବିଲିର କର୍ମକର୍ତ୍ତାଙ୍କଠାରୁ ପ୍ରକାଶ।



## ସଂକ୍ଷେପରେ

### ୨ ଫେରାର ଅଭିଯୁକ୍ତ ଗିରଫ

ଖଣ୍ଡପଡା,୧୫।୨(ସ୍ୱ.ପ୍ର.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଧରପଗଡ ଅଭିଯାନ ଜାରି ରହିଛି। ଦୀର୍ଘ ମାସ ଧରି ବିଭିନ୍ନ ମାମଲାରେ ଜଡିତ ଥିବା ୨ ଅପରାଧୀଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ଦେଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଖଣ୍ଡପଡା ଥାନା ଅଧୀନ ଖଲିସାହି ଗ୍ରାମର ଯୋଗୀନାଥ କୋଠାଳ ଓ ପୁଆଣିଆଁ ଗ୍ରାମର ଦୁର୍ଯ୍ୟୋଧନ ନାୟକ।

### ଲଡୁବାବାଙ୍କ ପୀଠରେ ସୁନ୍ଦରାକାଣ୍ଡ ପଠନ



ନୟାଗଡ଼ ଅଫିସ,୧୫।୨: ଶରଣକୁଳ ରାମଚରିତ ମାନସ କମିଟି ପକ୍ଷରୁ ଲଡୁବାବାଙ୍କ ମନ୍ଦିର ବେଢ଼ାରେ ପୂଜା ପାଉଥିବା ପଞ୍ଚମୁଖୀ ହନୁମାନଙ୍କ ମନ୍ଦିରରେ ମଙ୍ଗଳବାର ଷଷ୍ଠବାର୍ଷିକୀ ଶ୍ରୀରାମଚରିତ ମାନସର ସୁନ୍ଦରାକାଣ୍ଡ ପଠନ କରାଯାଇଛି। କମିଟି ସଭାପତି ରଜନିକାନ୍ତ ଡାକୁଆଙ୍କ ତତ୍ତ୍ୱାବଧାନରେ ନୟାଗଡ଼ର ରାମାୟଣ ପାଠକ ମନୋରଞ୍ଜନ ସାହୁ, ପ୍ରଭାତ କୁମାର ସାହୁ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ହନୁମାନ କଥା ଉପରେ ଟିପ୍ପଣି ଦେଇଥିଲେ। ଏ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀହନୁମାନ ଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇ ସମବେତ କଣ୍ଠରେ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପଠନ ହୋଇଥିଲା। ସୁରେଶ ଚନ୍ଦ୍ର ପଣ୍ଡା, ଛାଟିଆ ଡାକୁଆ, କର୍ଣ୍ଣଲ ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ରବୀନ୍ଦ୍ର ପାତ୍ର, ସୁଶାନ୍ତ ସାହୁ ପ୍ରମୁଖ ସୁନ୍ଦରାକାଣ୍ଡ ପଠନ କରିଥିଲେ।

### ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ଖଣ୍ଡପଡ଼ା,୧୫।୨(ସ୍ୱ.ପ୍ର.): ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ସାମନ୍ତ ଛକଠାରେ ସୋମବାର ସନ୍ଧ୍ୟାରେ ପୁଲ୍‌ୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଯୁବକମାନେ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ତଳେ ମହମବତି ଜାଳି ଶ୍ରଦ୍ଧାସୁମନ ଜଣାଇଥିଲେ। ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ସେହିପରି ସିଧାମୂଳା ପଞ୍ଚାୟତରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ବିଭୂତି ଭୂଷଣ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୁଲ୍‌ୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଉକ୍ତ ଅନୁଷ୍ଠାନର ସଦସ୍ୟମାନେ ମହମବତି ପ୍ରଜ୍ୱଳନ କରି ଗ୍ରାମ ପରିକ୍ରମା କରିବା ସହ ଶ୍ରଦ୍ଧା ସୁମନ ଜଣାଇଥିଲେ।

# ଅସନ୍ତୁଷ୍ଟ, ସ୍ୱାଧୀନ ପ୍ରାର୍ଥୀ ଚିନ୍ତାର କାରଣ

**୬ନଂ. ଜିଲାପରିଷଦ ଜୋନ୍, ଖଣ୍ଡପଡ଼ା ବ୍ଲକ**

- ପ୍ରତିବାଦ ସାମ୍ନା କରୁଛନ୍ତି ପ୍ରାର୍ଥୀ
- ବଢ଼ୁଛି ରାଜନୈତିକ ଉଷ୍ମତା

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୧୫।୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକର ୬ନଂ. ଜିଲା ପରିଷଦ ଜୋନ୍ ବଣବାଣପୁର, ବେଣାଗାଡିଆ, କଣ୍ଟିଲୋ, ବୋଦସା, ସିଧାମୂଳା ପ୍ରମୁଖ ୫ ପଞ୍ଚାୟତକୁ ନେଇ ଗଠିତ। ଏଠାରେ ୨୪ ତାରିଖ ଶେଷ ପର୍ଯ୍ୟାୟରେ ନିର୍ବାଚନ ହେବ। ତେବେ ନିର୍ବାଚନରେ ଅସନ୍ତୁଷ୍ଟ ପ୍ରାର୍ଥୀ ଜିଲାପରିଷଦ ପ୍ରାର୍ଥୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ଯୋଗୁ ଦଳୀୟ ଭୋଟ ଭାଗ ଭାଗ ହେବାର ରହିଛି। ଯାହାକି ବିରୋଧୀଙ୍କୁ ସହାୟକ ହେବ ବୋଲି ଚର୍ଚ୍ଚା ହେଉଛି।

ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି, ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ସେତେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ତ୍ୱରାନ୍ୱିତ କରାଯାଉଛି। ଦଳୀୟ ସ୍ଲୋଗାନ ସାଙ୍ଗକୁ ସର୍ବାଙ୍ଗୀନ ଉନ୍ନତିର ବାର୍ତ୍ତା ବିଭିନ୍ନ ପଞ୍ଚାୟତର ପରିବେଶକୁ ସରଗରମ କରୁଛି। ଗାଁ ଗହଳି, ବଜାର, ଛକ ସ୍ଥାନରେ ପ୍ରାର୍ଥୀଙ୍କ ପୋଷ୍ଟର ଓ ବ୍ୟାନର ଝୁଲୁଛି। ନେତା, କର୍ମୀ ଏକାକାର ହୋଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବାରେ ଲାଗି ପଡିଛନ୍ତି। ଏଠାରେ ଭାଜପାରୁ କବିତା ରାଉତ ଓ କଂଗ୍ରେସରୁ ମାଳତି ବେହେରା ନିର୍ବାଚନ ଲଢୁଛନ୍ତି। ସେହିପରି ବିଜେଡିରୁ ରଞ୍ଜିତା ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଉଜ୍ଜ୍ୱଳ ମହାରଣା ଅଛନ୍ତି। ଜିଲା ପରିଷଦ ନିର୍ବାଚନରେ ବିଜେଡିରୁ ଟିକଟ ପାଇବା ପାଇଁ ଅନେକ ପ୍ରାର୍ଥୀ ଆଶାୟୀ ଥିଲେ। ଟିକଟ ପାଇବା ପାଇଁ ଲବି କରିବା ସହ କ୍ଷେତ୍ର ପ୍ରସ୍ତୁତି କରି ରଖିଥିଲେ। ହେଲେ ଟିକଟ ନ ପାଇ ନୀରବ ରହିଗଲେ। ଦଳରେ ରହି ଦଳୀୟ ପ୍ରାର୍ଥୀଙ୍କୁ ହରାଇବାକୁ ରଣନୀତି ପ୍ରୟୋଗ କଲେ। ଏଭଳିସ୍ଥଳେ ବିଭିନ୍ନ ସ୍ଥାନରେ ବିଜେଡିର ଭୋଟ ଭାଗ ଭାଗ ହେବାରେ ଲାଗିଛି। ଭୋଟ ପ୍ରଚାର ସମୟରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ସ୍ୱାଧୀନ ପ୍ରାର୍ଥୀ ଉଜ୍ଜ୍ୱଳ ମହାରଣା ବିଜେଡି ଟିକଟରୁ ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିଲେ। ଟିକଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ଉଜ୍ଜ୍ୱଳଙ୍କ ଯୋଗୁ ବିଜେଡି ଭୋଟ ଭାଗ ଭାଗ ହୋଇ ଚାଲିଛି। ପୁଣି ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ବୋଝ ପାଲଟିଛନ୍ତି। ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଦଳୀୟ ହୋଇ ନ ଥିଲେ ମଧ୍ୟ ସମର୍ଥନରେ ନିର୍ବାଚନ ଲଢୁଛନ୍ତି। ଯେଉଁମାନେ ବିଜେଡି ସମର୍ଥିତ ପ୍ରାର୍ଥୀ ସେମାନଙ୍କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଛି। ବିଜେଡିର କେତେଜଣ ଅସନ୍ତୁଷ୍ଟ ସରପଞ୍ଚ ଓ ସିମତିସଭ୍ୟ ପ୍ରାର୍ଥୀ ହୋଇଥିବାରୁ ଜିଲା ପରିଷଦ ଭୋଟରେ ସମର୍ଥନ ମିଳୁନାହିଁ। ଏଭଳିସ୍ଥଳେ ଏହି ଜୋନ୍‌ରେ ସ୍ୱାଧୀନ, ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବାକୁ ଯାଉଥିବା ରାଜନୈତିକ ବିଶ୍ଲେଷକମାନେ କହୁଛନ୍ତି। ଏ ନେଇ ଭୋଟର ଶ୍ରୀପତି ମହାରଣା, ସୁରେନ୍ଦ୍ରନାଥ ସାହୁ କୁହନ୍ତି, ବିଧାୟକ ଆମ ଅଞ୍ଚଳକୁ ୩ ବର୍ଷ ହେଲା ଆସୁନାହାନ୍ତି। ଏବେ ନିର୍ବାଚନ ହେଉଥିଲେ ମଧ୍ୟ ଦେଖାନାହିଁ। ଭୋଟର କାହାକୁ ଭୋଟ ଦେବେ ସନ୍ଦେହରେ ଅଛନ୍ତି। ଭୋଟର ବିଭୁଦତ୍ତ ସ୍ୱାଇଁ କୁହନ୍ତି, ଦଳୀୟ କନ୍ଦଳ ବିଜେଡିରେ ବଢୁଛି। ପୁଣି ବିଜେଡିର ପ୍ରାର୍ଥୀ ଠିକ୍ ଦିଆଗଲା ନାହିଁ, କଂଗ୍ରେସ ପ୍ରାର୍ଥୀଙ୍କର ଦେଖାମିଳୁନି। ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ଏହାର ଫାଇଦା ନେଇପାରନ୍ତି।

### ଶିଖରପୁରରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା

ଖଣ୍ଡପଡା,୧୫।୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତରେ ରାଜନୈତିକ ବାତାବରଣ ବେଳକୁ ବେଳ ଉଷ୍ମ ହେବାରେ ଲାଗିଛି। ଉକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପଦବୀ ପାଇଁ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ୧୬ ଗୋଟି ୱାର୍ଡକୁ ନେଇ ଗଠିତ ଶିଖରପୁର ପଞ୍ଚାୟତର ମତଦାତାଙ୍କ ସଂଖ୍ୟା ୩୧୨୫ ହୋଇଥିବା ବେଳେ ସରପଞ୍ଚ ପଦବୀ ପାଇଁ ସରପଞ୍ଚ ନବ କିଶୋର ସାହୁଙ୍କ ସ୍ତ୍ରୀ କିରଣବାଳା ସାହୁ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସ୍ତ୍ରୀ ଜୟନ୍ତୀ ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ପ୍ରାର୍ଥିନୀ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇ ଭୋଟରଙ୍କୁ ଭେଟୁଥିବା ବେଳେ ବିଜେଡିରେ ଥିବା ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ଭୋଟରଙ୍କୁ ମନାଇବା ପାଇଁ ନିୟମ ପ୍ରମାଣଠାରୁ ଆରମ୍ଭ କରି ଗାଁ, ଗଣ୍ଡାରେ ଭୋଜିଭାତ ଓ ମଦ ମାଂସର ଆସର ଜମୁଛି। ସେହିପରି ସମିତିସଭ୍ୟ ପଦବୀ ପାଇଁ ଚିନ୍ତାମଣି ପରିଡା, ଦୁର୍ଗାମାଧବ ସାହୁ, ନିମ ଲ କୁମାର ତ୍ରିପାଠୀ ଓ ଭିକାରୀ ଚରଣ ସାହୁ ପ୍ରମୁଖ ୪ ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୧୭ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱଳ୍ପ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିବା ଭିକାରୀ ସାହୁ ଚଳିତ ନିର୍ବାଚନରେ ସମିତି ସଭ୍ୟ ପଦବୀ ପାଇଁ ନିର୍ବାଚନ ଲଢୁଛନ୍ତି।

## ସିଡିପିଓଙ୍କ ବିରୋଧରେ ଜିଲାପାଳଙ୍କୁ କର୍ମୀଙ୍କ ଫେରାଦ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଅଙ୍ଗନୱାଡି କର୍ମୀମାନେ।

**କୋଲୋକେଟେଡ ଗ୍ରାଣ୍ଟ ଖର୍ଚ୍ଚ କରିବାକୁ ବାରଣ**

ନୟାଗଡ଼ ଅଫିସ,୧୫।୨

ନୟାଗଡ଼ ଜିଲା ଦଶପଲ୍ଲା ସିଡିପିଓଙ୍କ ମନମୁଖୀ କାର୍ଯ୍ୟ, ଅଙ୍ଗନୱାଡିକର୍ମୀଙ୍କୁ ଅଶ୍ଳୀଳ ଭାଷରେ ଗାଳିଗୁଲଜ ଓ କୋଲୋକେଟେଡ ଗ୍ରାଣ୍ଟ ଖର୍ଚ୍ଚକୁ ନେଇ ବାରଣ କରିବାକୁ ନେଇ ଅଭିଯୋଗ ହୋଇଛି। ଏ ନେଇ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ପକ୍ଷରୁ ଅଙ୍ଗନୱାଡି କର୍ମୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ୬ ଗୋଟି କାରଣ ଦର୍ଶାଇ ବିଭିନ୍ନ ଅସୁବିଧା ସମ୍ପର୍କରେ ଫେରାଦ୍ ହୋଇଛନ୍ତି। ଅନ୍ୟପକ୍ଷେ ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅନୁରୂପ ଭାବେ ଅବଗତ କରାଇଛନ୍ତି। ଭାରତୀୟ ମଜଦୁର ସଂଘର ଦଶପଲ୍ଲା ବ୍ଲକ ସଭପତି ପ୍ରକାଶ କୁମାର ପାଣି, ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର, ଅଙ୍ଗନୱାଡି ସଂଘର ବ୍ଲକ ସମ୍ପାଦିକା ଭାନୁମତି ପ୍ରଧାନ ଓ ସଭାନେତ୍ରୀ ବିନୋଦିନୀ ଦେଇଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲେ।

ଅଭିଯୋଗ ଅନୁସାରେ, ଦଶପଲ୍ଲା ସିଡିପିଓ ସରକାରୀ ଗାଡିର ଅପବ୍ୟବହାର କରି ଶୁକ୍ରବାର ନିଜ ଗାଁରେ ନେଇ ଛାଡି ଫେରି ଆସୁଛି। ପୁଣି ସୋମବାର ପୂର୍ବାହ୍ନରେ ସରକାରୀ ଗାଡି ଗାଁକୁ ଯାଇ ଅଫିସକୁ ତାଙ୍କୁ ଆଣୁଛି। ସରକାରୀ ଗାଡିର ଏଭଳି ଅପବ୍ୟବହାର ହେଉଥିଲେ ମଧ୍ୟ ଏଥିପ୍ରତି ଲଗାମ ଲାଗି ପାରୁନାହିଁ। ସେହିଭଳି ଇସିସି ଟ୍ରେନିଂ ୬ଦିନ କରିବା ବଦଳରେ ୪ଦିନ କରାଯାଉଛି। ୬ଦିନର କିନ୍ତୁ ଦସ୍ତଖତ ନିଆଯାଉଛି ବୋଲି ଅଭିଯୋଗ ରହିଛି। ଅନ୍ୟପକ୍ଷେ କୋଲୋକେଟେଡ ଗ୍ରାଣ୍ଟକୁ ଖର୍ଚ୍ଚ କରାଇବାକୁ ସିଡିପିଓ ଦେଉନାହାନ୍ତି। ଅଙ୍ଗନୱାଡି କେନ୍ଦ୍ର ପାଇଁ କୋଲୋକେଟେଡ ଗ୍ରାଣ୍ଟ ଆସିଛି। କେଉଁ ବାବଦରେ ଏ ଅନୁଦାନ ଖର୍ଚ୍ଚ କରାଯିବ ଗାଇଡଲାଇନ ନ ଦେଇ ଟଙ୍କା ଖର୍ଚ୍ଚ କରିବାକୁ ବାରଣ କରାଯାଉଛି। ତେବେ ଉକ୍ତ ଅନୁଦାନ ରାଶିକୁ ଉଠାଣ କରି ସିଡିପିଓଙ୍କ ଅକାଉଣ୍ଟରେ ଜମା କରିବାକୁ ବାଧ୍ୟ କରାଯାଉଛି। ସେହିପରି ଖେଳଣା, ଜୋତା, ଡ୍ରେସ, ସୁଇଟର ଟଙ୍କା ମଧ୍ୟ ଜମା କରିବାକୁ କୁହାଯାଉଛି। ହେଲେ ଯାଞ୍ଚ କମିଟି ଟଙ୍କା ଉଠାଣ କରିବାକୁ ଅରାଜି ହୋଇ ଟଙ୍କାର ହିସାବ ମାଗୁଛି ବୋଲି କୁହଯାଉଛି। ନିଜର ସ୍ୱାର୍ଥ ପୂରଣ ପାଇଁ ସିଡିପିଓ କୁଆଡେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ କନ୍ଦଳ ଲଗାଇ ଭାଗ ଭାଗ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ରହିଛି। ଏ ନେଇ ଅଙ୍ଗନୱାଡି ଆସୋସିଏଶନ ବ୍ଲକ ସଭାନେତ୍ରୀ ବିନୋଦିନୀ ଦେଇ କୁହନ୍ତି, ଜିଲାପାଳ ଅଭିଯୋଗ ଶୁଣିଲେ। ଅଭିଯୋଗପତ୍ର ରଖି ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ରୀନା ସରିତା ଲରେନ୍ସଙ୍କୁ ପଚାରିବାରେ ଅଙ୍ଗନୱାଡି କର୍ମୀ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି ସେଥିରେ ସତ୍ୟତା ନାହିଁ। ଘଟଣାର ତଦନ୍ତ କଲେ ପ୍ରକୃତ ଘଟଣା ଲୋକାଲୋଚନକୁ ଆସିବ। ସେ ଏଥିରେ ସମ୍ପୃକ୍ତ ନୁହନ୍ତି। ତାଙ୍କୁ ଅଯଥାରେ ବଦନାମ କରାଯାଉଛି ବୋଲି ସେ କହିଛନ୍ତି।

## ଲଡୁବାବାଙ୍କ ରାତି ୧୧ରେ ଉଠିବ ମହାଦୀପ

- ମନ୍ଦିର ଭିତରେ ଦୀପ ଜାଳିବା ମନା
- କୋଭିଡ୍ କଟକଣାରେ ହେବ ଯାତ୍ରା
- ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ନୟାଗଡ଼ ଅଫିସ,୧୫।୨

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ମାର୍ଚ୍ଚ ୧ରେ ମହାଶିବରାତ୍ରି ଉପଲକ୍ଷେ ଜାଗର ଯାତ୍ରା ଅନୁଷ୍ଠିତ ହେବ। ମହାଶିବରାତ୍ରି ଅବସରରେ ରାତି ୧୧ଟାରେ ମହାଦୀପ ଉଠିବ। ମନ୍ଦିର ଭିତରେ ଦୀପ ଜାଳିବାକୁ ନିଷିଦ୍ଧ କରାଯାଇଛି। ତେବେ ଦୋକାନ ବଜାର ପଡ଼ିବ। ଏ ନେଇ ମଙ୍ଗଳବାର ମନ୍ଦିର ପ୍ରଶାସନ ପକ୍ଷରୁ ଶରଣକୁଳ ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ ପୌରୋହିତ୍ୟ କରିଥିଲେ। କୋଭିଡ୍ କଟକଣା ଭିତରେ ଶୃଙ୍ଖଳିତ ଭାବେ ଜାଗରଯାତ୍ରା ପାଳନ କରାଯିବାକୁ ସ୍ଥିର କରାଯାଇଛି। ମହାଶିବରାତ୍ରିର ଭୋର୍ ୩ଟାରୁ ମନ୍ଦିରରେ ଲଡୁବାବାଙ୍କ ପହଡ଼ ଖୋଲିବ। ୩ରୁ ୪ଟା ପର୍ଯ୍ୟନ୍ତ ଠାକୁରଙ୍କ ଅବକାଶ ନୀତି ହେବ। ଭୋର ୪ଟାରୁ ସକାଳ ସାଢ଼େ ୭ଟା ପର୍ଯ୍ୟନ୍ତ ଠାକୁର ଭକ୍ତଙ୍କୁ ଦର୍ଶନ ଦେବେ। ସକାଳ ସାଢ଼େ ୭ରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପହଡ଼ ପଡ଼ି ପୂଜାନୀତି କରାଯିବ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିବେ। ସନ୍ଧ୍ୟା ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ସନ୍ଧ୍ୟା ପୂଜାନୀତି କରାଯିବ। ପରେ ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ପୁଣି ସର୍ବସାଧାରଣ ଦର୍ଶନ କରିବେ। ରାତି ସାଢ଼େ ୧୦ଟାରେ ଲଡୁବାବା ଦକ୍ଷିଣମୁଖା ହୋଇ ବେଢ଼ା ପରିକ୍ରମା କରିବେ। ରାତି ୧୧ଟାରେ ମହାଦୀପ ଉଠିବ। ଭକ୍ତମାନେ ମନ୍ଦିର ସିଂହଦ୍ୱାର ଦେଇ ବେଢ଼ା ଭିତରକୁ ପ୍ରବେଶ କରି ମହନ ଓ ଘଣ୍ଟଦ୍ୱାର ଦେଇ ଲଡୁବାବାଙ୍କୁ ଦର୍ଶନ କରିବେ। ପରେ ଦକ୍ଷିଣଦ୍ୱାର ଦେଇ ବେଢ଼ାକୁ ବାହାରି ସେଠାରୁ ହାତୀଦ୍ୱାର ଦେଇ ବାହାରକୁ ପ୍ରସ୍ଥାନ କରିବେ। ଭକ୍ତମାନେ ବାବାଙ୍କ ଦର୍ଶନ କରିବା ପରେ ସଙ୍ଗେସଙ୍ଗେ ବାହାରକୁ ଯିବେ। ମନ୍ଦିର ଭିତରେ ଭକ୍ତଙ୍କ ଗହଳିକୁ ବାରଣ କରାଯାଇଛି। ଅନ୍ୟପକ୍ଷେ ମନ୍ଦିର ଭିତରେ ଭକ୍ତଙ୍କ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ବାରିକେଟ୍ ବ୍ୟବସ୍ଥା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ବିଜେୟିତା ସାମନ୍ତସିଂହାର, ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ରାଜସ୍ୱ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଲଡୁବାବାଙ୍କ ଜାଗରଯାତ୍ରା ପାଇଁ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

### ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ତଥା ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ତାରସିଂ ଥାନା ଅଞ୍ଚଳର ସଞ୍ଜୟ ନାଇକ। ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୨୧ରେ ଜଣେ ଭିନ୍ନକ୍ଷମ ନାବାଳିକା ଏକାକୀ ଘରେ ଥିବା ବେଳେ ତାଙ୍କୁ ବଳାତ୍କାର ହୋଇଥିଲା। ପରେ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପୀଡ଼ିତାଙ୍କ ମା'ଏନେଇ ତାରସିଂ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯/୧୩ ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରିଥିଲା। ୨୦୧୩ ମଇ ୨ରେ ପୋଲିସ ଅଭିଯୁକ୍ତ ସଞ୍ଜୟ ନାଇକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ସଞ୍ଜୟଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ବେଳେ ସଞ୍ଜୟଙ୍କୁ କୋର୍ଟରେ ହଜାର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଓ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତ ସଞ୍ଜୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଇସ୍‌ମାଇଲ ମହମ୍ମଦ ଓ ତୃପ୍ତିଲତା ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ନାବାଳକଙ୍କୁ ଯୌନ ନିର୍ଯାତନା: ବାଳସୁଧାର ଗୃହକୁ ଗଲେ ନାବାଳକ

ଓଡ଼ଗାଁ, ୧୫।୨(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଧରି କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ରବିବାର ଅପରାହ୍ନ ୨ଟା ସମୟରେ ସମ୍ପୃକ୍ତ ନାବାଳକ ଜଣେ ୯ ବର୍ଷ ବାଳକଙ୍କୁ ଯୌନ ନିର୍ଯାତନା ଦେଇଥିବା ତାଙ୍କ ମା' ଓଡ଼ଗାଁ ଥାନାରେ ସୋମବାର ଅଭିଯୋଗ କରିଥିଲେ। ପୋଲିସ ଶିଶୁ ଓ ଯୌନ ନିର୍ଯାତନା ନିରୋଧ ଆଇନ ଅନୁସାରେ ଏକ ମାମଲା(ନଂ.୨୯୮/ ୨୨) ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କିଶୋର ନ୍ୟାୟ ପରିଷଦଙ୍କ (ଜୁଭେନାଇଲ) କୋର୍ଟରେ ମଙ୍ଗଳବାର ହାଜର କରିଥିଲା।

## ନିର୍ବାଚନୀ ସଭାରେ ଅଳ୍ପ ଲୋକ, ନେତା ହତୋତ୍ସାହିତ

ନୂଆଗାଁ,୧୫।୨(ଡି.ଏନ୍.ଏ.)




ନିର୍ବାଚନୀ ସଭାରେ ଉପସ୍ଥିତ ବିଧାୟକ, ଏମ୍‌ପି ଓ ପ୍ରାର୍ଥୀ।

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅଧୀନ ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡ଼ିଆରେ ମଙ୍ଗଳବାର ବିଜେଡିର ୨ ଜିଲା ପରିଷଦ ଜୋନ୍‌ର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ଏହି ୨ ଜୋନ୍‌ର ୨୨ଟି ପଞ୍ଚାୟତର ନିର୍ବାଚନୀ ସଭାରେ ଉପସ୍ଥିତ ଥିବା ହାତଗଣତି ଲୋକଙ୍କୁ ଦେଖି ଉପସ୍ଥିତ ବିଧାୟକ, ଏମ୍‌ପି ଓ ପ୍ରାର୍ଥୀ ହତୋତ୍ସାହିତ ହୋଇଥିଲେ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରାର୍ଥୀମାନଙ୍କ ପ୍ରଚାର ସେତିକି ଜୋର୍ ଧରୁଛି। ନିଜ ସମର୍ଥିତ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଦଳୀୟ କର୍ମୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ସବୁ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ବିଜେଡିରେ ଦଳୀୟ କନ୍ଦଳ କର୍ମୀ ତଥା ଭୋଟରମାନଙ୍କୁ ଅଡୁଆରେ ପକାଇ ଦେଇଛି। ବିଜେଡିର ବହୁ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ପୁରୁଣା କର୍ମୀଙ୍କୁ ଛାଡି ଦଶପଲ୍ଲା ବିଧାୟକ ନୂଆମୁହଁଙ୍କୁ ସମର୍ଥନ କରିବାରୁ ଅନେକ ପଞ୍ଚାୟତରେ କନ୍ଦଳ ସୃଷ୍ଟି କରିଛି। ଏପରି ସ୍ଥିତିରେ ଦଳୀୟ କର୍ମୀ କାହାକୁ ସମର୍ଥନ ଦେବେ ତାହାକୁ ନେଇ ଅଡୁଆ ବଢ଼ିଯାଇଛି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତ ତଥା ନୟାଗଡ଼ ଜିଲାର ୧୬ ଓ ୧୭ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କୁ ଜିତାଇବା ଉଦ୍ଦେଶ୍ୟରେ ନୂଆଗାଁ କଲେଜ ସମ୍ମୁଖ ପଡିଆରେ ନିର୍ବାଚନୀ ସଭାର ଆୟୋଜନ କରାଯାଇଥିଲା। ଏଥିରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ୧୬ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ଜସ୍ମିନ୍ ଦାସ, ୧୭ନଂ. ଜିଲା ପରିଷଦ ପ୍ରାର୍ଥୀ ପ୍ରତିମା ଦଳବେହେରା, ନୂଆଗାଁ ବ୍ଲକ ବିଜେଡି ସଭାପତି ସନ୍ନ୍ୟାସୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ହେଲେ ଲୋକମାନଙ୍କ ପାଇଁ ପକାଯାଇଥିବା ଚେୟାର ମଧ୍ୟରୁ ଅନେକ ଖାଲି ରହିଥିଲା।

# ନୟାଗଡ଼ : ଆଜି ୪ ଜୋନ୍‌ରେ ଭୋଟ

ନୟାଗଡ଼ ଅଫିସ,୧୫।୨

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ୧, ୨,୩ ଓ ୪ ନଂ. ଜୋନ୍‌ରେ ବୁଧବାର ନିର୍ବାଚନ ହେବ। ଏଥିପାଇଁ ୩୬ ପଞ୍ଚାୟତର ୨୩୨ ସ୍ଥାନରେ ୫୭୪ଟି ବୁଥ୍ ହୋଇଛି। ବ୍ଲକର ସମସ୍ତ ବୁଥ୍‌ରେ ୨,୨୯୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ଦୁଇଜଣ ପୋଲିଂ ଅଫିସର, ଜଣେ ପୋଲିସ ଏପରି ୪ ଜଣ ନିୟୋଜିତ ହୋଇଛନ୍ତି। ବ୍ଲକର ୩୬ ପଞ୍ଚାୟତରେ ଗୋଟିଏ ଲେଖାଏ ପାଟ୍ରୋଲିଂ ଟିମ୍ କାର୍ଯ୍ୟ କରିବ। ଉତ୍ତେଜନାପ୍ରବଣ ବୁଥ୍‌ରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରଙ୍ଗଣିପାଟଣା ଗାଁର ୧ ନଂ. ୱାର୍ଡ ବୁଥ୍‌କୁ ପିଙ୍କ୍ କରାଯାଇଛି। ବୁଥ୍‌ର ସମସ୍ତ ପୋଲିଂ କର୍ମଚାରୀ ମହିଳା। ଅନ୍ୟପକ୍ଷେ ୩୬ଟି ପୋଲିଂ ପାର୍ଟିକୁ ରିଜର୍ଭ ଭାବେ ରଖାଯାଇଛି। ଅନ୍ୟପକ୍ଷେ ଗୋଡ଼ିପଡ଼ା ଓ ଶରଣକୁଳ ଜୋନ୍ ଅଧୀନ ୧୮ ପଞ୍ଚାୟତରେ ୧୮ଟି ପାଟ୍ରୋଲିଂ ଟିମ୍‌କୁ ନିୟୋଜିତ କରାଯାଇଛି। ୪ଜଣ ସୁପରଭାଇଜିଂ କରିବେ। ବଡ଼ ବଡ଼ ବୁଥ୍ ତଥା କ୍ଲଷ୍ଟର ଲେଭଲ ବୁଥ୍‌ରେ ଜଣେ ପୋଲିସ ଅଫିସର କାର୍ଯ୍ୟ କରିବେ।

### ରାତି ବିଗାଡ଼ିଦେବ ଜନମତ

ଭୋଟରଙ୍କୁ ବଦଳାଇବା ପାଇଁ ମଙ୍ଗଳବାର ରାତି ହେଉଛି ଶେଷ ପ୍ରୟାସ। ପୋଲିସର ପାଟ୍ରୋଲିଂ ସତ୍ତ୍ୱେ ବିଭିନ୍ନ ୱାର୍ଡରେ ରାଜନୈତିକ ଦଳର କର୍ମୀ, ନେତା, ସମର୍ଥକ ପରିକ୍ରମା କରୁଛନ୍ତି। ଯାହାକୁ ପଚାରିଲେ ଉତ୍ତର ମିଳୁଛି ଆମେ ବିରୋଧୀଙ୍କୁ ରାତିରେ ଜଗିଛୁ। ହେଲେ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି ଯେ କେତେଜଣ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଭାବିତ କରାଯାଉଛି। ଜଣେ ଭୋଟରଙ୍କ ସୂଚନା ଅନୁସାରେ, ଶେଷରାତି ଜନମତ ବିଗାଡ଼ି ଦେଉଛି। ଭୋଟ ଦେବା ନେଇ ସକାଳେ ଗୋଟିଏ କଥା ଶୁଣିଥିବାବେଳେ ରାତିରେ ସ୍ୱର ବଦଳି ଯାଇଛି। କିଏ କାହାକୁ ଭୋଟ ଦେବ ତାହା ଜଣାପଡୁ ନ ଥିଲେ ହେଁ ସବୁ ଏପଟସେପଟ ହୋଇ ଚାଲିଛି।

### ବହୁଛି ପରିବର୍ତ୍ତନର ହାୱା

ଓଡ଼ଗାଁ ବ୍ଲକର ୪ଟି ଜୋନ୍‌ରେ ବହୁଛି ପରିବର୍ତ୍ତନର ହାୱା। ୧ ଓ ୨ନଂ. ଜିଲା ପରିଷଦ ଜୋନ୍ ବିଜେଡି ଦଖଲରେ ଥିବାବେଳେ ୩ ଓ ୪ନଂ. ଜୋନ୍ ଭାଜପା ଦଖଲରେ ଥିଲା। ଏହି ୪ ଜୋନ୍‌କୁ ବିଜେଡି ଓ ଭାଜପା ଦଖଲ କରିବେ ବୋଲି ଯୋଜନା କରିଛନ୍ତି। ବିଜେଡିର ଭଲ ସଙ୍ଗଠନ ରହିଥିଲେ ହେଁ ଦଳୀୟ କନ୍ଦଳ ଚିନ୍ତାର କାରଣ ପାଲଟି ଭୋଟ ଭାଗ ଭାଗ କରାଇଛି। ଭାଜପାର ଭଲ ସଙ୍ଗଠନ ନ ଥିଲେ ମଧ୍ୟ ୨୦୧୭ରେ ବାଜି ମାରି ନେଇଥିଲା। ଏଣୁ ବିଜେଡି ଦଳୀୟ କନ୍ଦଳର ଫାଇଦା କେତେଦୂର ଭାଜପା ଉଠାଇ ପାରିବ ତାହା କିଛି କହିହେଉନାହିଁ। କଂଗ୍ରେସର ସଙ୍ଗଠନ ବଢ଼ିଛି। ଦଳ ପକ୍ଷରୁ ପ୍ରଚାରକୁ ତ୍ୱରାନ୍ୱିତ କରାଯାଇଛି। ଦଳ ଆଶା ରଖିଛି କିଛି ଆସନ ହାତେଇବା ପାଇଁ। ଦେଖାଯାଉ ପରିବର୍ତ୍ତନର ବାର୍ତ୍ତା କିପରି ପ୍ରବାହିତ ହେଉଛି।

### ନିର୍ବାଚନକୁ କରୋନା ଡରୁଛି

ରାଜନୀତିକୁ ଡରିଗଲା ଓମିକ୍ରନ୍ ବୋଲି ଚର୍ଚ୍ଚା ହେଉଛି। ଭୋଟ ପ୍ରଚାରରେ ଅଧିକ ଲୋକଙ୍କ ସମାଗମରେ କୋଭିଡ୍ କଟକଣା ନିୟନ୍ତ୍ରଣାଧୀନ ରହିଲା ନାହିଁ ବୋଲି ଲୋକେ କହୁଛନ୍ତି। କେତେଜଣ ଭୋଟର କ୍ଷୋଭର ସହ ପ୍ରକାଶ କରି କହିଛନ୍ତି, ନିର୍ବାଚନ ପୂର୍ବରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଲା। ସ୍କୁଲ, କଲେଜ ଛୁଟି ହୋଇଗଲା। ନିର୍ବାଚନ ସମୟରେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଗଲା। ସବୁ କିଛି ଠିକ୍‌ଠାକ୍ ହୋଇଗଲା। ନିର୍ବାଚନ ପ୍ରକ୍ରିୟା ଲାଗି ରହିଲେ କରୋନା ଆଉ ହେବନି ବୋଲି ପ୍ରମାଣିତ ହୋଇସାରିଲାଣି। ଏଣୁ ନିର୍ବାଚନ ପ୍ରକ୍ରିୟା ଲାଗିରହୁ ବୋଲି କେତେକେ ଦମ୍ଭୋକ୍ତି ପ୍ରକାଶ କରି କହିଛନ୍ତି।

